بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 29-30

ବାର୍ଷିକ ଦେୟ : 600/-

21-28 ମୁହରରମ୍ 1447 ହି.କ, 17-24ୱଫା 1404 ହି.ଶ, 17-24 July 2025 ମସିହା

www.akhbarbadr.in


### ଅଲ୍ଲାଃତାଲାଙ୍କ ବାଣୀ

وَلِلّٰہِ الۡمَشۡرِقُ وَالۡمَغۡرِبُ ٭ فَاَیۡنَمَا تُوَلُّوۡا فَثَمَّ وَجۡہُ اللّٰہِ ؕ اِنَّ اللّٰہَ وَاسِعٌ عَلِیۡمٌ

(ସୁରାଃ ଅଲ୍ ବକ୍ରାହ୍: 116)

ପୂର୍ବ ଓ ପଶ୍ଚିମ ଅଲ୍ଲାଃତାଲାଙ୍କର ଅଟେ । ସୁତରାଂ ତୁମେ ଯେଉଁ ଦିଗକୁ ବି ମୁହଁ କରିବ ସେହି ଦିଗରେ ନିଶ୍ଚୟ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ପାଇବ । ବାସ୍ତବରେ ଅଲ୍ଲାଃତାଲା ହିଁ ସର୍ବବ୍ୟାପୀ ଓ ସର୍ବଜ୍ଞ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ମୁଁ ସେହି ସର୍ବ ଶକ୍ତିମାନ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରୁଛି ଯେ, ମୋ ନିଦର୍ଶନର ସାକ୍ଷ୍ୟ କେବଳ ମୁସଲମାନମାନେ ନୁହନ୍ତି ବରଂ ସଂସାରରେ ଯେଉଁଭଳି ଧର୍ମାବଲମ୍ବୀମାନେ ବାସ କରନ୍ତି ସେମାନେ ସମସ୍ତେ ମୋ ନିଦର୍ଶନର ସାକ୍ଷ୍ୟ ଅଟନ୍ତି,**

فَالۡحَمۡدُ لِلّٰہِ عَلٰی ذٰلِکَ

**114ତମ ନିଦର୍ଶନ:-** ପ୍ଲେଗ୍ ରୋଗ (ମହାମାରୀ) ବ୍ୟାପୀବା ସଂପର୍କରେ ମୋତେ ଏହି ଐଶୀବାଣୀ ହେଲା الامراض تشاع والنفوس تضاع । ଅର୍ଥାତ୍ ମହାମାରୀ ରୋଗ ବ୍ୟାପିଯିବ ଓ ଲୋକମାନଙ୍କର ପ୍ରାଣହାନୀ ହେବ । ଯେଉଁ ବ୍ୟକ୍ତି ଚାହୁଁଛି ସେ ଦେଖିନେଉ ଯେ, ମୁଁ ଉକ୍ତ ଐଶୀବାଣୀକୁ ଯାହାକି ପ୍ଲେଗ୍ ମହାମାରୀ ବ୍ୟାପୀବା ପୂର୍ବରୁ ଅଲ୍ ହକମ୍ ଏବଂ ଅଲବ୍ ବଦରରେ ପ୍ରକାଶିତ କରି ଦେଇଥିଲି । ପୁନଶ୍ଚ ଏତଦ୍‌ପରେ ପଞ୍ଜାବରେ ଏପରି ପ୍ଲେଗ୍ ରୋଗ ବ୍ୟାପିଲା ଯେ, ସହସ୍ର ସହସ୍ର ଲୋକଙ୍କ ମୃତ୍ୟୁ ଘଟିବା ଦ୍ୱାରା ଲୋକମାନଙ୍କର ଘର ଦ୍ୱାର ଜନଶୂନ୍ୟ ହୋଇପଡ଼ିଲା ।

**115ତମ ମିଦର୍ଶନ:-** ରିସାଲା ସିରାଜେ ମୁନୀରରେ ପ୍ଲେଗ୍ ରୋଗ ଆସିବା (ବ୍ୟାପୀବା) ସଂପର୍କରେ ଏହି ଭବିଷ୍ୟବାଣୀ ଉଲ୍ଲିଖିତ ଥିଲା ଯେ, يا مسيح الخلق عدوانا ଅର୍ଥାତ୍ ହେ ମସିହ୍ ! ଯିଏ ପ୍ରାଣୀମାନଙ୍କ ନିମନ୍ତେ ପ୍ରେରିତ ହୋଇଛି ଆମ ପ୍ଲେଗ୍ ରୋଗ ସଂପର୍କରେ ଖବର ନେ । ଏତଦ୍‌ପରେ ଭୟଙ୍କର ପ୍ଲେଗ୍ ମହାମାରୀ ବ୍ୟାପିଲା ଏବଂ ସହସ୍ରାଧିକ ଈଶ୍ୱରଙ୍କ ଭକ୍ତ ପ୍ଲେଗ୍ ରୋଗ ଦ୍ୱାରା ଭୟଭୀତ ହୋଇ ମୋ ଆଡ଼କୁ ଧାଇଁ ଆସିଲେ । ଅର୍ଥାତ୍ ସେହି ଲୋକମାନଙ୍କ ତୁଣ୍ଡରେ ଏହି ବାକ୍ୟ ଥିଲା କି يا مسيح الخلق عدوانا । ଉକ୍ତ ଭବିଷ୍ୟବାଣୀ ଯେଉଁଭଳି ଭାବରେ ମୋ ପୁସ୍ତକ ସିରାଜେ ମୁନୀର୍‌ରେ ଉଲ୍ଲିଖିତ ହୋଇଛି ଠିକ୍ ସେହିପରି ଶତାଧିକ ଲୋକମାନଙ୍କୁ ଏହି ମହାମାରୀ ବା ରୋଗ ଘଟିବା ପୂର୍ବରୁ ସୂଚନା ପ୍ରଦାନ କରି ଦିଆଯାଇଥିଲା ।

**116ତମ ନିଦର୍ଶନ:-** ଏକଦା ସକାଳ ସମୟରେ ମୋ ତୁଣ୍ଡରୁ ଏହି ଐଶୀବାଣୀ ଜାରି ହୋଇଗଲା ଯେ, عبد الله خان ڈیرہ اسمٰعیل خان (ଅବ୍ଦୁଲ୍ଲାଃ ଖାନ୍ ଡେରା ଇସ୍ମାଇଲ୍ ଖାନ୍) ଏବଂ ଉକ୍ତ ଐଶୀବାଣୀର ଏହି ଅର୍ଥବୋଧ ହେଲା ଯେ, ଏହି ନାମର ଜଣେ ବ୍ୟକ୍ତି ଆଜି ଟଙ୍କା ପ୍ରେରଣ କରିବ । ଅତଏବ୍ ମୁଁ (ହ. ମସିହ୍ ମଉଦ୍ ଅ.ସ) କେତେକ ହିନ୍ଦୁ ଲୋକମାନଙ୍କ ନିକଟରେ ଏହି ଐଶୀବାଣୀ ହେବା ସଂପର୍କରେ ବର୍ଣ୍ଣନା କଲି, ସେମାନେ ପ୍ରତ୍ୟାଖ୍ୟାନକାରୀ ଅଟନ୍ତି ଏବଂ ସେମାନେ ବେଦକୁ ଚୂଡ଼ାନ୍ତ ଗ୍ରନ୍ଥ ବୋଲି ଗ୍ରହଣ କରି ବସିଛନ୍ତି ସେହି ଲୋକମାନଙ୍କ ନିକଟରେ ମୁଁ ଉକ୍ତ ଐଶୀବାଣୀର ଚର୍ଚ୍ଚା ଯେତେବେଳେ କଲି ଏବଂ ମୁଁ ଯେତେବେଳେ ଏହା ବର୍ଣ୍ଣନା କଲି ଯେ, ଆଜି ଯଦି ଏହି ଟଙ୍କା ମୋ ପାଖକୁ ନ ଆସିଲା ବା ମୋତେ ଆଜି ଯଦି ଏହି ଟଙ୍କା ନମିଳିଲା ତେବେ ତୁମେ ସତ୍ୟବାଦୀ ନୁହେଁ । ସେହି ହିନ୍ଦୁ ବ୍ୟକ୍ତିମାନଙ୍କ ମଧ୍ୟରୁ ବିଶନ୍ ଦାସ ନାମକ ଜନୈକ (ଜଣେ) ବ୍ରାହ୍ମଣ ବ୍ୟକ୍ତି ଯେକି ଆଜିକାଲି ହିସାବରକ୍ଷୀ ବା ହିସାବ ପ୍ରଦାନକାରୀ ରୂପେ କାର୍ଯ୍ୟରତ ଅଟନ୍ତି ସେ କହି ଉଠିଲେ କି ମୁଁ ଉକ୍ତ କଥାର ପରୀକ୍ଷା କରିବି ଏବଂ ଡାକ ଘରକୁ ଯିବି । ସେହି ଦିନମାନଙ୍କର କାଦିୟାନ୍‌ରେ ଡାକ, ଚିଠି ପତ୍ର ମଧ୍ୟାହ୍ନ ପରେ ଅର୍ଥାତ ଦ୍ୱିପ୍ରହରେ ଆସୁଥିଲା । ବିଶନ୍ ଦାସ ସେହି ସମୟରେ ଡାକ ଘରକୁ ଗଲା ଏବଂ ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତ ହୋଇ ଉତ୍ତର ଆଣିଲା କି ବାସ୍ତବରେ ଅବଦୁଲ୍ଲାଃ ଖାନ୍ ନାମକ ଜନୈକ ବ୍ୟକ୍ତି ଯେକି ଡେରା ଇସ୍ମାଇଲ୍ ଖାନ୍ ଠାରେ ଏକ୍ସଟ୍ରା ଆସିଷ୍ଟାଣ୍ଟ୍ ଅଟେ ସେ କିଛି ଟଙ୍କା ପଠାଇଛି । ସେହି ହିନ୍ଦୁ ବ୍ୟକ୍ତି ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତ ହୋଇ ବାରମ୍ବାର ମୋତେ ପଚାରୁଥିଲା କି ଏହି କଥାଟି ଆପଣଙ୍କୁ କିଏ କହିଲା ଏବଂ ତା' ମୁଖମଣ୍ଡଳରୁ ଆଶ୍ଚର୍ଯ୍ୟଚକିତ ଏବଂ ହତବମ୍ବ ହେବାର ଲକ୍ଷଣ ପ୍ରକାଶିତ ହେଉଥିଲା। ଅତଏବ୍ ମୁଁ ସେତେବେଳେ ସେହି ବ୍ୟକ୍ତିକୁ କହିଲି କି ହେ ବ୍ୟକ୍ତି ! ଯିଏ ଆଦୃଷ୍ଟ ବିଷୟ ଓ ଆଦୃଷ୍ଟ ରହସ୍ୟକୁ ଜାଣନ୍ତି ସେହି ଈଶ୍ୱରଙ୍କୁ ଆମେମାନେ ଉପାସନା କରୁଛୁ। ହିନ୍ଦୁ ଲୋକମାନେ ସେହି ଚିରଞ୍ଜିବ ଈଶ୍ୱରଙ୍କ ଠାରୁ ଅନବଗତ ଅଟନ୍ତି ଯିଏ ସର୍ବଦା ନିଜର ଶକ୍ତି ତଥା ନିଜର ଐଶୀଲୀଳା ଇସଲାମ୍ ଧର୍ମ ସପକ୍ଷରେ ଉଦାହରଣ ଉପସ୍ଥାପିତ କରିଥାଆନ୍ତି। ଅତଏବ୍ ସାଧାରଣତଃ ହିନ୍ଦୁମାନଙ୍କର ଏହି ଅଭ୍ୟାସ ରହିଛି ଯେ, (1) ସେମାନେ ବିଚିତ୍ର ନିଦର୍ଶନକୁ ଅସ୍ୱୀକାର କରିଥାଆନ୍ତି ଏବଂ ସେମାନଙ୍କୁ ଯେତେବେଳେ ଏପରି କୌଣସି ବ୍ୟକ୍ତି ମିଳିଯାଏ ଯେ, ଯେଉଁ ବ୍ୟକ୍ତି ଦ୍ୱାରା କୌଣସି ଆଦୃଷ୍ଟ ରହସ୍ୟାତ୍ମକ ପ୍ରସଙ୍ଗ ପ୍ରକାଶିତ ଓ ଉଦଘାଟିତ ହୁଏ ତେବେ ସେପରିପ୍ରେକ୍ଷୀରେ ସେମାନେ ଆଶ୍ଚର୍ଯ୍ୟର ଭବ ସାଗରରେ ଲୀନ ହୋଇଯାଆନ୍ତି । ଯେପରିକି ମୁଁ ପୂର୍ବେ ଉଲ୍ଲେଖ କରି ସାରିଛି ଯେ, ଲାଲା ଶରମ୍ ପଥ୍ର ମଧ ଠିକ୍ ଏହିପରି ଅବସ୍ଥା ହୋଇଥିଲା । ଲାଲା ଶରମ୍ ପଥ୍ର ଭାଇ ବିଶ୍ୱାମ୍ବର ଦାସ ଏବଂ ଖୁଶ୍‌ହାଲ୍ ନାମକ ଆଉ ଜଣେ ବ୍ୟକ୍ତିକୁ କୌଣସି ଅପରାଧରେ ଜେଲ୍ ହୋଇଯାଇଥିଲା ଏବଂ ଶରମ୍ ପଥ୍ କୌଣସି ପରୀକ୍ଷା ଦୃଷ୍ଟିରୁ ଓ ନା ହିଁ କୌଣସି ବିଶ୍ୱାସଜନିତ ଦୃଷ୍ଟିରୁ ମୋତେ ପଚାରିଥିଲା ଯେ, ମହୋଦୟ ମିର୍ଜା ସାହେବ ! ଉକ୍ତ ମକଦ୍ଦମାର ପରିଣାମ କ'ଣ ହେବ ? ସେହି ବ୍ୟକ୍ତି ମୋତେ ଦୁଆ ନିମନ୍ତେ ମଧ ଅନୁରୋଧ କରିଥିଲା । ଅତଏବ୍ ମୁଁ (ହ. ମସିହ୍ ମଉଦ୍ ଅ.ସ) ସେହି ବ୍ୟକ୍ତି ନିମନ୍ତେ ଦୁଆ କରି ଚାଲିଲି । ପରିଶେଷରେ ସେହି ଈଶ୍ୱର ଯେକି ଆଦୃଷ୍ଟ ବିଷୟ ଓ ଆଦୃଷ୍ଟ ରହସ୍ୟ ସଂପର୍କରେ ଅବଗତ ଅଟନ୍ତି ସେ ରାତ୍ର ସମୟରେ ଏହି ଗୁପ୍ତ ପ୍ରସଙ୍ଗ ମୋ ସମ୍ମୁଖରେ ଉନ୍ମୁକ୍ତ (ଖୋଲିଦେଲେ) ଯେ, ମକଦ୍ଦମାର ପରିଣାମ ଏହା ହେବ ଯେ, ବିଶମ୍ବର ଦାସର ବନ୍ଦୀ ହେବା ଅବଧିକୁ ହ୍ରାସ (କୋହଳ) କରିଦିଆଯିବ । ଯେପରିକି ମୁଁ (ହ. ମସିହ୍ ମଉଦ୍ ଅ.ସ) ପୂର୍ବେ ନିଜର ସ୍ୱପ୍ନାବସ୍ଥାରେ ଦେଖିଥିଲି ଯେ, ବିଶମ୍ବର ଦାସର ଅଧା କଏଦ୍‌ର ଅବଧିକୁ ମୁଁ ନିଜର କଲମ ଦ୍ୱାରା କାଟି ଦେଇଛି । କିନ୍ତୁ ମୋ ସମ୍ମୁଖରେ ଏହା ପ୍ରକାଶିତ କରାଗଲା ଯେ, ଖୁଶ୍‌ହାଲକୁ ସଂପୂର୍ଣ୍ଣ ଶାସ୍ତି ଭୋଗିବାକୁ ପଡ଼ିବ । ଅର୍ଥାତ୍ ଯେତିକି କଏଦ୍‌ର ଶାସ୍ତି ମିଳିବ ସେତିକି ଦିନ ତା'କୁ ବନ୍ଦୀ ହୋଇ ଜେଲରେ ଜୀବନ ବିତାଇବାକୁ ପଡ଼ିବ । ତିହିଁରୁ ଦିନଟିଏ ମଧ ହ୍ରାସ (କୋହଳ) ହେବ ନାହିଁ । କିନ୍ତୁ ବଶମ୍ବର ଦାସର ଅଧା କଏଦୀ ରହିଯିବା କେବଳ ଓ କେବଳ ଦୁଆର ପ୍ରଭାବ ଦ୍ୱାରା ହିଁ ସମ୍ଭବପର ହେବ । କିନ୍ତୁ କିନ୍ତୁ ଦୁହିଁଙ୍କ ମଧ୍ୟରୁ କେହି ବି ଖଲାସ୍ ହେବ ନାହିଁ । ଯେପରି ବର୍ଣ୍ଣିତ ହୋଇଛି ଓ ଯେପରି ଉଲ୍ଲିଖିତ ହୋଇଛି ସେହିପରି ହିଁ ଘଟିବ । ପରିଣାମ ମଧ ତାହା ହିଁ ହେବ ଯାହା ଐଶୀବାଣୀରେ ଉଲ୍ଲିଖିତ କରାଯାଇଛି । ମୋର ମନେଅଛି ଯେ, ଏସବୁ କଥା ସଂପୂର୍ଣ୍ଣ ହୋଇଯାଇଛି । ତେବେ ଶରମ୍‌ପଥ୍ ଆଶ୍ଚର୍ଯ୍ୟଚକିତ ହୋଇଗଲା ଏବଂ ମୋ ଈଶ୍ୱରଙ୍କ ଶକ୍ତି ତା'କୁ ଆଶ୍ଚର୍ଯ୍ୟଚକିତ କରିଦେଲା । ସେ ମୋ ଆଡ଼କୁ ପତ୍ର ଲେଖିଲା ଯେ, ମହୋଦୟ ! ଉପରୋକ୍ତ ସମସ୍ତ କଥା ଆପଣଙ୍କ ସୌଭାଗ୍ୟ ହେତୁ ସଂପୂର୍ଣ୍ଣ ହୋଇଯାଇଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସେ ଇସଲାମ୍ ଧର୍ମର ଆଲୋକରୁ ତିଳେମାତ୍ର ଉପକୃତ ହେଲା ନାହିଁ । ଆଜିକାଲି ସେହି ଆର୍ଯ୍ୟମାନେ ଅଛନ୍ତି, ସେମାନଙ୍କ ମାର୍ଗଦର୍ଶନ ତ' ଦୂରର କଥା ମୋତେ ତ'

ସେମାନଙ୍କ ଉପରେ କାଣିଚାଏ ବିଶ୍ୱାସ ନାହିଁ ଯେ, ସେମାନେ ସତ୍ୟ ସାକ୍ଷ୍ୟ ବି ଦେଇପାରିବେ । ଯଦିଓ ପ୍ରକାଶ୍ୟ ରୂପେ ସେମାନେ ଉପର ଠଉରିଆ ଭାବରେ କୁହନ୍ତି ଯେ, ସତ୍ୟକୁ ସମର୍ଥନ ଜଣାଇବା ଉଚିତ୍ । କିନ୍ତୁ ସେମାନେ ଏହା ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି। ମୁଁ ଏହି ବିଶ୍ୱାସ ରଖୁଛି ଯେ, ଏପରି ସାକ୍ଷ୍ୟ ଅର୍ଥାତ୍ ଶରମ୍‌ପଥ୍‌କୁ ଯଦି ରାଣ ଖାଇବାକୁ କୁହାଯାଏ ଯେ, ସେ ନିଜ ସନ୍ତାନର ମୁଣ୍ଡ ଉପରେ ହାତ ରଖି ଏହା ସ୍ୱୀକାର କରୁ କି ସେ ଯାହା କିଛି କହୁଛି ତାହା ସତ୍ୟ ଅଟେ, ତେବେ ସେ ଅବଶ୍ୟ ସତ କଥା କହିଦେବ । ମୋର ଅନେକ ଭବିଷ୍ୟବାଣୀରେ ସାକ୍ଷ୍ୟ ତା' ପାଖରେ ରହିଛି। ସମ୍ଭବତଃ ପିଛା ଛଡ଼ାଇବା ନିମନ୍ତେ ସେ ଏହା କହିଦେଉ କି ମୋର ମନେ ନାହିଁ । କିନ୍ତୁ ରାଣ ହେଉଛି ଏପରି ଏକ ପ୍ରସଙ୍ଗ ଯେ, ତା'ର ସାକ୍ଷ୍ୟ ଅବଶ୍ୟ ମନେ ପଡ଼ିଯିବ । କିନ୍ତୁ ଯଦି ଶରମ୍‌ପଥ୍ ମିଛ କଥା କହିବ ତେବେ ନିଃସନ୍ଦେହ ମନେରଖୁ କି ମୋର ଈଶ୍ୱର ତା'କୁ ଅବଶ୍ୟ ଶାସ୍ତି ପ୍ରଦାନ କରିବେ ଓ ଏହି ନିଦର୍ଶନ ମଧ୍ୟ ପ୍ରକାଶିତ ହେବ । ସେ ଜ୍ୱଳନ୍ତ ନିଦର୍ଶନର ସାକ୍ଷ୍ୟ ଅଟେ। ମୁଁ ସର୍ବ ଶକ୍ତିମାନ ଈଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ, ମୋ ନିଦର୍ଶନର କେବଳ ମୁସଲମାନମାନେ ସାକ୍ଷ୍ୟ ନୁହନ୍ତି ବରଂ ଯେତେସବୁ ଜାତି ତଥା ଧର୍ମବଲମ୍ବୀମାନେ ରହିଛନ୍ତି ସେମାନେ ମଧ୍ୟ ସମସ୍ତେ ମୋ ନିଦର୍ଶନର ସାକ୍ଷ୍ୟ ଅଟନ୍ତି । فَالْحَمْدُ لِلّٰهِ عَلٰى ذٰلِكَ ।

**117ତମ ନିଦର୍ଶନ:-** ଏକଦା ମଲାୱମଲ୍ ନାମକ ଜନୈକ ଆର୍ଯ୍ୟବ୍ୟକ୍ତିକୁ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଗଲା ଏବଂ ନୈରାଶ୍ୟମୂଳକ ଲକ୍ଷଣ ପ୍ରକାଶିତ ହୋଇ ଚାଲିଥିଲା ଏବଂ ସେ ସ୍ୱପ୍ନରେ ଦେଖିଲା ଯେ, ଏକ ବିଷଧର ସର୍ପ ତା'କୁ ଦଂଶନ କରି ନେଇଛି । ତେଣୁ ଦିନେ ସେ ନିଜର ଜୀବନରୁ ନିରାଶ ହୋଇ ମୋ ପାଖକୁ ଆସି ବହୁତ କାନ୍ଦିଲା । ମୁଁ ତା' ସପକ୍ଷରେ ଯେତେବେଳେ ଦୁଆ କଲି ସେତେବେଳେ ମୋତେ ଏହି ଉତ୍ତର ମିଳିଲା କି قلنا یا نار کونی بردًا وسلامًا ଅର୍ଥାତ୍ ଆମ୍ଭେ ଯକ୍ଷ୍ମା ରୋଗର ଅଗ୍ନିକୁ କହିଲୁ କି ହେ ଅଗ୍ନି ! ତୁ ଶୀତଳ ଏବଂ ଶାନ୍ତିଦାୟକ ହୋଇଯା । ସୁତରାଂ ଏତଦ୍‌ପରେ ସେ ଗୋଟିଏ ସପ୍ତାହ ମଧ୍ୟରେ ସୁସ୍ଥ ହୋଇଗଲା ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ସେ ଜୀବିତ ଅଛି । ବରାହିନେ ଅହମଦିୟାର 227ତମ ପୃଷ୍ଠାରେ ଦେଖନ୍ତୁ। କିନ୍ତୁ ତା'ର ସାକ୍ଷ୍ୟ ନିମନ୍ତେ ମଧ୍ୟ ରାଣର ଆବଶ୍ୟକତା ପଡ଼ିବ ।

**118ତମ ନିଦର୍ଶନ:-** ହୁଜୁର ଅ.ସ କୁହନ୍ତି: "ଏକଦା ମୁଁ ଏକ ଫୌଜଦାରୀ ମାମଲାରେ ଗୁର୍ଦାସପୁର ଯାଇଥିଲି। ଏହି ଫୌଜଦାରି ମାମଲା ମୋ ଉପରେ କରମ୍ ଦୀନ ଝେଲମୀ ନାମକ ଜଣେ ବ୍ୟକ୍ତି କରି ଦେଇଥିଲା । ତେଣୁ ମୁଁ ଗୁର୍ଦାସପୁର ଠାରେ ଉପସ୍ଥିତ ଥିଲି କି ମୋ ଉପରେ ଏହି ଐଶୀବାଣୀ ଅବତୀର୍ଣ୍ଣ ହେଲା ଯେ, یسئلونک عن شانک۔ قل اللہ ثم ذرھم فی خوضھم یلعبون ଅର୍ଥାତ୍ ହେ ପ୍ରତିଶୃତ ମସିହ୍ ! ଲୋକମାନେ ତୁମ୍ଭର ମର୍ଯ୍ୟାଦା ସଂକ୍ରାନ୍ତରେ ଯେତେବେଳେ ତୁମ୍ଭକୁ ପ୍ରଶ୍ନ କରିବେ ସେତେବେଳେ ତୁମ୍ଭେ ସେମାନଙ୍କୁ କୁହ କି ସେହି ଈଶ୍ୱର ଯେକି ମୋତେ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଏତଦ୍‌ପରେ ତୁମ୍ଭେ ସେମାନଙ୍କୁ କ୍ରୀଡ଼ା ଏବଂ ବାଯ୍ୟକଥାରେ ଛାଡ଼ିଦିଅ । ତେଣୁ ମୁଁ ଉକ୍ତ ଐଶୀବାଣୀ ନିଜର ସେହି ଜମାଅତ୍‌କୁ ଯେଉଁମାନେ ଗୁର୍ଦାସପୁର ମୋ ସହିତ ଯାଇଥିଲେ । ମୋର ସେହି ଜମାଅତ୍ ଅର୍ଥାତ୍ ପ୍ରତିନିଧିଦଳର ଲୋକ ସଂଖ୍ୟା ଥିଲା 40 ସଦସ୍ୟ ବିଶିଷ୍ଟ ଥିଲା । ସେହି ଲୋକମାନଙ୍କର ସଂଖ୍ୟା 40ରୁ କମ୍ ନଥିଲା । ତେଣୁ ମୋ ଜମାଅତ୍‌ର ସେହି ସଦସ୍ୟବୃନ୍ଦଙ୍କୁ ମୁଁ ଏହି ଭବିଷ୍ୟବାଣୀ ଶୁଣାଇଦେଲି । ଅତଏବ୍ ସେହି ସଦସ୍ୟଙ୍କ ମଧ୍ୟରୁ ମୌଲବୀ ମୁହମ୍ମଦ ଅଲୀ ସାହେବ ଏମ୍.ଏ, ଖ୍ୱାଜା କମାଲୁଦ୍ଦୀନ୍ ସାହେବ ବି.ଏ ପ୍ଲୀଡ଼ର୍ ସାହେବ ମଧ୍ୟ ଥିଲେ । ପୁନଶ୍ଚ ଏତଦ୍‌ପରେ ମୁଁ ଯେତେବେଳେ କଚେରୀ ଗଲୁ ସେତେବେଳେ ପ୍ରତିପକ୍ଷଙ୍କ ଓକିଲ ମୋତେ ଏହି ପ୍ରଶ୍ନ କରିଥିଲା ଯେ, ମହୋଦୟ ! ଆପଣ "**ତ୍ରିୟାକୁଲ୍ କୁଲୁବ**" ପୁସ୍ତକରେ ନିଜର ମର୍ଯ୍ୟାଦା ସଂପର୍କରେ ଯେଉଁ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି କ'ଣ ଆପଣଙ୍କର ମର୍ଯ୍ୟାଦି ସେହିପରି ଅଟେ କି ? ମୁଁ (ହ. ମସିହ୍ ମଉଦ୍ ଅ.ସ) ଉତ୍ତର ଦେଲି ଯେ, ହଁ ଓକିଲ ମହୋଦୟ । ଅଲ୍ଲାଃଥାଲାଙ୍କ କୃପାରୁ ମୋର ଏହି ମର୍ଯ୍ୟାଦା ହିଁ ରହିଛି । ସେହି ଈଶ୍ୱର ହିଁ ମୋତେ ଏହି ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଅତଏବ୍ ଯେଉଁ ଐଶୀବାଣୀଟି ସକାଳ ସମୟରେ ମୋ ଉପରେ ଅବତୀର୍ଣ୍ଣ ହୋଇଥିଲା ତାହା ଅସର୍ ସମୟରେ ପୂର୍ଣ୍ଣ ହୋଇଗଲା। ଏହି ଭବିଷ୍ୟବାଣୀ ମୋ ଜମାଅତର ସଦସ୍ୟବୃନ୍ଦଙ୍କ ବିଶ୍ୱାସରେ ଅଭିବୃଦ୍ଧିର କାରଣ ହେଲା।"**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-275)**☆☆

## ବିଗତ ସଂଖ୍ୟା 28, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 2-5-2025ର ଅବଶିଷ୍ଟାଂଶ....

ସ୍ୱର୍ଗତ ଶହୀଦ୍‌ଙ୍କର ଦଦାଙ୍କ ନାମ ମୁହମ୍ମଦ ଯାକୁବ୍ ସାହେବ ଥିଲା । ସ୍ୱର୍ଗତ ଶହୀଦ୍ ନିଜ ମାତା ପିତାଙ୍କର ଏକମାତ୍ର ପୁତ୍ର ସନ୍ତାନ ଥିଲେ । ଆସିଫ୍ ସାହେବ କମ୍ କଥା କହୁଥିଲେ ଏବଂ ସାହସ ତଥା ଧୈର୍ଯ୍ୟଶୀଳ ବ୍ୟକ୍ତିକତ୍ୱର ଅଧିକାରୀ ଥିଲେ । ଆପଣ ପ୍ରତ୍ୟେକ ବ୍ୟକ୍ତିକୁ ଭଲ ପାଉଥିଲେ ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଆପଣଙ୍କର ସହାନୁଭୂତିପୂର୍ଣ୍ଣ ସଂପର୍କ ରହିଥିଲା । ଆପଣ ନିୟମିତ ରୂପେ ପାଞ୍ଚବେଳା ନମାଜ ପାଠ କରୁଥିଲେ । ଜମାଆତ୍‌ର ସେବାରେ ଆପଣ ନିମଜ୍ଜିତ ରହୁଥିଲେ। ଜମାଅତୀୟ ବ୍ୟବସ୍ଥା ଅନୁଯାୟୀ ହେଉଥିବା କ୍ରୀଡ଼ା ପ୍ରତିଯୋଗୀତାରେ ମଧ୍ୟ ଅଂଶ ଗ୍ରହଣ କରିବାର ତାଙ୍କର ବିଶେଷ ଆଗ୍ରହ ରହିଥିଲା । କିଛି ଦିନ ତଳେ ଜିଲ୍ଲା ସରୋ ଠାରେ ହୋଇଥିବା ପ୍ରତିଯୋଗୀତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଯେହେତୁ ସ୍ୱର୍ଗତ ଶହୀଦ୍‌ଙ୍କ ମାତାଶ୍ରୀ ଜଣେ ହୃଦରୋଗୀଣୀ ମହିଳା ଅଟନ୍ତି ସେଇଥି ପାଇଁ ସ୍ୱର୍ଗତ ଶହୀଦ ନିଜ ମାତାଙ୍କର ସଂପୂର୍ଣ୍ଣ ଯତ୍ନ ନେଉଥିଲେ ଏବଂ ଦେଖାଶୁଣା କରୁଥିଲେ, ମାତାଶ୍ରୀ ବର୍ଣ୍ଣନା କରନ୍ତି ଯେ, "ମୋ ସ୍ୱର୍ଗତ ସୁପୁତ୍ର ଅତ୍ୟନ୍ତ ଆଜ୍ଞାକାରୀ ପୁତ୍ର ଥିଲା । କେବେ ବି ମୋର ଅବଜ୍ଞା ପ୍ରଦର୍ଶନ କରି ନାହିଁ । ବନ୍ଧୁ ପରିଜନ ଏବଂ ସଂପର୍କୀୟଙ୍କ ସହିତ ସହାନୁଭୂତି ଏବଂ ସେମାନଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତା ପ୍ରଦର୍ଶନ କରୁଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ଭଉଣୀ ଜାହିଦା ରଫିକ୍ ସାହେବା କୁହନ୍ତି କି ମୋ ଭାଇ ପ୍ରତ୍ୟେକ ଲୋକମାନଙ୍କର ଯତ୍ନ ନେଉଥିଲା । ଅତ୍ୟନ୍ତ ପ୍ରେମ, ଅନ୍ତରୀକତା ଓ ସହାନୁଭୂତି ପ୍ରଦର୍ଶନକାରୀ ଭାଇଟିଏ ଥିଲା । ତାକୁ ଶାହୀଦ୍ ହେବାର ବହୁତ ଶୌକ୍ ଥିଲା । ଉକ୍ତ ଆକାଂକ୍ଷାକୁ ଅଲ୍ଲାଃତାଲା ପୂର୍ଣ୍ଣ ମଧ୍ୟ କରିଦେଲେ । ଶାହାଦତ୍ ଠାରୁ ତିନି ଦିନ ପୂର୍ବେ ମୁଁ ସ୍ୱପ୍ନରେ ଦେଖିଲି ଯେ, ମୋ ଭାଇକୁ ଗୁଳି ବାଜିଛି । ପରବର୍ତ୍ତୀ ଦିନ ମୁଁ ଯେତେବେଳେ ଫୋନ୍ କଲି ଏବଂ ପଚାରିଲି କି ଭାଇ କେମିତି ଅଛି ସେତେବେଳେ ଭାଇ କହିଲା, ଦେଇ ମୁଁ ବର୍ତ୍ତମାନ ବ୍ୟସ୍ତ ଅଛି । ତେଣୁ ଭାଇ ସହିତ ମୁଁ ଖୁବ୍ ଅଳ୍ପ ସମୟ ପାଇଁ କଥା କହିଲି । ଭାଇ କହିଲା କି ଦେଇ ଆମେ ରାତିରେ କଥା ହେବା । କିନ୍ତୁ ସଂପୂର୍ଣ୍ଣ କଥା ହୋଇପାରିଲା ନାହିଁ ଏବଂ ସେହି ଦିନ ମୋ ଭାଇ ସହୀଦ୍ ହୋଇଗଲା ଓ ଅଲ୍ଲାଃତାଲାଙ୍କ ସମ୍ମୁଖରେ ହିଁ ଉପସ୍ଥିତ ହୋଇଗଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସ୍ୱର୍ଗତଙ୍କର ଭଉଣୀ କୁହନ୍ତି କି "ମୁଁ ଭାଇର ସ୍ୱପ୍ନ ଯୋଗୁଁ ଅତ୍ୟନ୍ତ ଚିନ୍ତିତ ଥିଲି । "ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶହୀଦ୍‌ଙ୍କର ଭଉଣୀ ଦୁଆ କରିବା ନିମନ୍ତେ ମୋ ନିକଟକୁ ପତ୍ର ମଧ୍ୟ ଲେଖୁଥିଲେ, ଭଉଣୀ ମହୋଦୟା କୁହନ୍ତି ଯେ, "ମୁଁ ହୁଜୁର ଅନ୍‌ୱର୍ ଅ.ବଙ୍କ ନିକଟକୁ ପତ୍ର ଲେଖୁଥିଲି । ଯେତେବେଳେ ମୁଁ ଏହି ବାକ୍ୟରେ ପହଞ୍ଚିଲି ଯେ, ହୁଜୁର ମୁଁ ସ୍ୱପ୍ନରେ ଦେଖିଛି ଯେ, ମୋ ଭାଇକୁ ଶହୀଦ୍ କରି ଦିଆଯାଇଛି । ଅତଏବ୍ ସେହି ମୁହୂର୍ତ୍ତରେ ମୋତେ ଏହି ସୂଚନା ମିଳିଲା କି ମୋ ଭାଇକୁ ଶାହାଦତ୍‌ର ମର୍ଯ୍ୟାଦା ମିଳିଯାଇଛି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶାହାଦତ୍ ମସୟରେ ଶହୀଦ୍ ସ୍ୱର୍ଗତ ଖୁଦ୍ଦାମୁଲ୍ ଅହମଦିୟା ଜିଲ୍ଲା କୁସୁର୍‌ର ମଜ୍‌ଲିସେ ଆମିଲାରେ ସାମିଲ୍ ଥିଲେ ଓ ନାଜିମ୍ ତେହ୍‌ରିକେ ଜଦିଦ୍ ମଧ୍ୟ ଥିଲେ । ସ୍ଥାନୀୟ ଜମାଅତ୍‌ର ନାଏବ୍ କାଏଦ୍ ଖୁଦ୍ଦାମୁଲ୍ ଅହମଦିୟା ଏବଂ ନାଜିମ୍ ଅତ୍‌ଫାଲ୍ ହିସାବରେ ସେବା କରିବାକୁ ଆପଣ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ଅଭିଭାବକଙ୍କ ବ୍ୟତୀତ 2ଜଣ ଭଉଣୀ ସ୍ମୃତି ସ୍ୱରୂପ ଛାଡ଼ି ଯାଇଛନ୍ତି ।

ଭଲ୍ଲୈର୍‌ର ସଦର୍ ଜମାଅତ ନିସାର୍ ଅହମଦ୍ ସାହେବ କୁହନ୍ତି: "ସ୍ୱର୍ଗତ ଶହୀଦ୍ ମହୋଦୟ ଅତ୍ୟନ୍ତ ଉଚ୍ଚ କୋଟିର ଗୁଣାବଳୀର ଅଧିକାର ଥିଲେ, ଅତ୍ୟନ୍ତ ସ୍ମିତହାସ୍ୟ, ସଚ୍ଚରିତ୍ର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ବିନୀତ ତାଙ୍କୁ ନିରବ ତଥା ଶାନ୍ତ ସ୍ୱଭାବ, ଖିଲାଫତ୍ ସହିତ ପ୍ରେମ, ଆନ୍ତରୀକତା ଏବଂ ଆଜ୍ଞାନୁବର୍ତ୍ତୀ ସେବକ ରୂପେ ଦେଖିବାକୁ ପାଇଥିଲି। ସ୍ୱର୍ଗତ ଶହୀଦ ନମାଜ୍, ଚାନ୍ଦାରେ ନିୟମିତ, ସ୍ୱଚ୍ଛତା ଅଭିଯାନ, ମାନବ ସେବା, ସୁରକ୍ଷା ଡିୟୁଟି ଭଳି ପ୍ରତ୍ୟେକ ବିଭାଗରେ ଉତ୍ତମ ରୂପେ ସେବା କରିଥିଲେ ଏବଂ ଜମାଅତ୍‌ର କାର୍ଯ୍ୟରେ ପ୍ରତିସ୍ପର୍ଦ୍ଧିତ ମନୋଭାବ ରଖି ଭାଗ ନେଉଥିଲେ । ସ୍ୱର୍ଗତ ଶହୀଦ୍ ନିଜର ମାତାପିତାଙ୍କର ଯତ୍ନ ନେଉଥିଲେ ଏବଂ ସେମାନଙ୍କର ପ୍ରତ୍ୟେକ ଦୃଷ୍ଟିରୁ ସେବା ଶୁଶ୍ରୁଷା କରୁଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ସ୍ୱର୍ଗତ ଶହୀଦ୍ ସାହେବଙ୍କ ସଂପର୍କରେ ଜଣେ ମୁଅଲ୍ଲିମ୍ ସାହେବ କୁହନ୍ତି: "ସ୍ୱର୍ଗତ ଶହୀଦ୍ ଅତ୍ୟନ୍ତ ଉଚ୍ଚକୋଟି ରସୁଗୁଣାବଳୀର ଅଧିକାରୀ ଥିଲେ । ସ୍ୱର୍ଗତଙ୍କ ଘରେ ଟି.ଭି ନଥିଲା । କିନ୍ତୁ ହୁଜୁର ଅନ୍‌ୱର୍ ଅ.ବଙ୍କର ଖୁତ୍‌ବା ନିଜର ଫୋନ୍‌ରେ ନିୟମିତ **(ଅବଶିଷ୍ଟାଂଶ.........ପୃ-12ରେ)** ରୂପେ

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

(ଖୁତ୍‌ବା ଜୁମା)

**ବାସ୍ତବତା ଏହିକି ଯେ, ଯେଉଁ ଦିନ ଆଁହଜରତ ସ.ଅ ମକ୍କାରୁ ପ୍ରବାସ କଲେ ଅଲ୍ଲାଃତାଲା ସେହି ଦିନ ଆପଣ ସ.ଅଙ୍କୁ ଏହି ଶୁଭ ସୂଚନା ପ୍ରଦାନ କରିଦେଇଥିଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଦୁଃଖିତ ହୁଅ ନାହିଁ । ଦିନ ଆସିବ ଆମ୍ଭେ ତୁମ୍ଭକୁ ଏହି ସ୍ଥାନକୁ ପୁନଃ ଫେରାଇ ଆଣିବୁ ।**

— — — — — — — — — — — — — — — — — — — — —

**ଗବେଷକଙ୍କ ନିକଟରେ ପବିତ୍ର କୁରଆନ୍ କରୀମ୍‌ର ଏହି ଭବିଷ୍ୟବାଣୀ ଆଁହଜରତ ସ.ଅଙ୍କ ଅବତାରତ୍ୱ ଉପରେ ପ୍ରତିପାଦିତ କରେ । କାରଣ ଆପଣ ସ.ଅ ଅଲ୍ଲାଃତାଲାଙ୍କ ତରଫରୁ ଆଦୃଷ୍ଟ ସୂଚନା ପ୍ରାପ୍ତ କରି ଲୋକମାନଙ୍କୁ ସୂଚିତ କରିଥିଲେ । ଅତଏବ୍ ଯେପରି ଆପଣ ସ.ଅ ସୂଚନା ପ୍ରଦାନ କରିଥିଲେ ଠିକ୍ ସେହିପରି ହିଁ ଘଟିଥିଲା ।**

— — — — — — — — — — — — — — — — — — — — —

**ଯଦି ଇସ୍‌ଲାମ୍ ଧର୍ମର ସମସ୍ତ ଯୁଦ୍ଧ ଉପରେ ଦୃଷ୍ଟିପାତ କରାଯାଏ ତେବେ ଏହା ଜ୍ଞାତ ହେବ ଯେ, ତାହା ନିଜ ମଧ୍ୟରେ ଏକ ତାତ୍ତ୍ୱିକପୂର୍ଣ୍ଣ ରହସ୍ୟ ନିହିତ ରଖିଥାଏ । ବିଶେଷ କରି ମକ୍କା ବିଜୟ ପୂର୍ବେ ଯେଉଁଭଳି ଯୁଦ୍ଧ ହୋଇଥିଲା ସେହି ସମସ୍ତ ଯୁଦ୍ଧର ଅଭିପ୍ରାୟ କେବଳ ଓ କେବଳ ଏହା ହିଁ ଥିଲା କି ମକ୍କା ବିଜୟର ମାର୍ଗ ପ୍ରଶସ୍ତ ହେଉ ବା ମକ୍କା ବିଜୟର ମାର୍ଗ ଉନ୍ମୁକ୍ତ (ଫିଟୁ) ହେଉ ।**

— — — — — — — — — — — — — — — — — — — — —

**ମକ୍କା ବିଜୟର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚାର ଆତ୍ମ ତୃପ୍ତିବର୍ଦ୍ଧକ ବର୍ଣ୍ଣନା ।**

— — — — — — — — — — — — — — — — — — — — —

**ଶ୍ରୀଯୁକ୍ତ ଶେଖ୍ ମହମୁଦ୍ ସାହେବ ଶହୀଦ୍‌ଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ନମାଜ୍ ଯନାଜାଃ ଗାଏବ୍ ।**

— — — — — — — — — — — — — — — — — — — — —

**ଅଲ୍ଲାଃତାଲା ଯଥାଶୀଘ୍ର ସେହି ସନ୍ତ୍ରାସବାଦୀମାନଙ୍କର ଧରପକଡ଼ର ସାଧନ ସୃଷ୍ଟି କରନ୍ତୁ ଏବଂ ଦେଶକୁ ବଞ୍ଚାଇବା ନିମନ୍ତେ ଏହା ଆବଶ୍ୟକ ଯେ, ସେହି ନାମକୁ ମାତ୍ର ଧାର୍ମିକ ଠିକାଦାରମାନଙ୍କ ସହିତ ଯେଉଁମାନେ ବାସ୍ତବରେ ଆତଙ୍କବାଦୀ ଗୋଷ୍ଠୀ ଅଟନ୍ତି ଏବଂ ଧର୍ମ ନାମରେ ଆତଙ୍କବାଦ କାର୍ଯ୍ୟକଳାପ ଚଳାଉଛନ୍ତି ସେହି ଆତଙ୍କବାଦୀମାନଙ୍କ ଠାରୁ ବର୍ତ୍ତମାନ ସମୟ ଆସି ଯେଇଛି ଯେ, ସେମାନଙ୍କ ଠାରୁ ମୁକ୍ତି ପ୍ରାପ୍ତ କରାଯାଉ । ଆମମାନେ କେବଳ ଅଲ୍ଲାଃତାଲାଙ୍କୁ ହିଁ ଡାକୁ ଏବଂ ଏହି ଡାକ ଅର୍ଥାତ୍ ଦୁଆର ଅଧିକାରକୁ ଆମମାନଙ୍କୁ ସମ୍ପାଦନ କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବା ଉଚିତ୍ ।**

23 MAY 2025 ମସିହା ଅନୁଯାୟୀ ୨୩ ହିଜ୍ରତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

**ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।**

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ମୁଁ ଜଣେ ମୁସଲମାନ ବ୍ୟକ୍ତିର ସଲାମ୍ କହିବା ସତ୍ତ୍ୱେ ମଧ୍ୟ ତା'କୁ ବଧ କରିଦେବାର ଘଟଣା ସଂପର୍କରେ ଚର୍ଚ୍ଚା କରିଥିଲି । ଏଥି ସଂକ୍ରାନ୍ତରେ ମୁଁ ସୁରାଃ ଅନ୍ ନିସାର ଆୟତ୍ ୨୫ର ଆବୃତ୍ତି କରିଥିଲି । ଉକ୍ତ ଆୟତ୍‌ରେ ଏହି ଚର୍ଚ୍ଚା ରହିଛି ଯେ, ଯଦି ତୁମମାନଙ୍କୁ କୌଣସି ବ୍ୟକ୍ତି ସଲାମ୍ (ପ୍ରଣାମ ବା ନମସ୍କାର ଜଣାଏ) କହେ ତେବେ ତୁମେ ସେହି ବ୍ୟକ୍ତିକୁ ଏହା କୁହ ନାହିଁ ଯେ, ତୁମେ ବିଶ୍ୱାସକାରୀ ନାହଁ । ଏହାର ଅତିରିକ୍ତ ବିବରଣୀ ସେଠାରେ ବର୍ଣ୍ଣନା କରି ନଥିଲି । ଅତଏବ୍ ସେହି ଘଟଣାର ବିସ୍ତୃତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି । ଯେପରିକି ମୁଁ ପ୍ରାସଙ୍ଗିକ ରୂପେ ମଧ୍ୟ ବର୍ଣ୍ଣନା କରିଥିଲି ଯେ, ଆଁହଜରତ ସ.ଅ ସେହି ବ୍ୟକ୍ତିକୁ ଅଟକାଇଥିଲେ । ସେହିପରି ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ସେହି ବ୍ୟକ୍ତି ପ୍ରତି କ୍ରୋଧାଭାବ ମଧ୍ୟ ପରିପ୍ରକାଶ କରିଥିଲେ ଏବଂ ନିଜ ଠାରୁ ସେହି ବ୍ୟକ୍ତିକୁ ଦୂରେଇ ଦେଇଥିଲେ । କେତେକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ୍ ସ.ଅ ସେହି ବ୍ୟକ୍ତି ବିରୁଦ୍ଧରେ ଦୁଆ କରିଥିଲେ । ସେ ଯାହା ହେଉ ଆପଣ ସ.ଅ ଉକ୍ତ ଘଟଣା ଯୋଗୁଁ ଅତ୍ୟନ୍ତ ମର୍ମାହତ ହୋଇଥିଲେ । କାରଣ ସେହି ନିହତ ହୋଇଥିବା ବ୍ୟକ୍ତିର କିସ୍ୱାସ୍ (ପ୍ରତିଶୋଧ)ର ପ୍ରସଙ୍ଗ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପକ୍ଷରୁ ହୁନୈନ୍ ଯୁଦ୍ଧ ପରେ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥାପିତ କରାଯାଇଥିଲା । ତେଣୁ ଉକ୍ତ ଘଟଣାର ସବିଶେଷ ବିବରଣୀ ଆଜି ମୁଁ ବର୍ଣ୍ଣନା କରିବି । **ଇନ୍‌ଶାଅଲ୍ଲାଃ** । ସେ ଯାହା ହେଉ ଆଁହଜରତ ସ.ଅ ଉକ୍ତ ଘଟଣାକୁ ଅତ୍ୟନ୍ତ ଘୃଣ୍ୟ ଓ ଅପରାଧ ବୋଲି ବିବେଚିତ କରିଥିଲେ ।

ଏପରି ହୁଆନ୍ତା କି ପିକାସ୍ତାନରେ ଆଜିକାଲି ଯେଉଁ ନାମକୁ ମାତ୍ର ମୁଲ୍ଲା ମୌଲବୀମାନେ ଅଛନ୍ତି, ଧର୍ମର ଠିକାଦାରମାନେ ରହିଛନ୍ତି ସେମାନେ ଉକ୍ତ କଥାକୁ ବୁଝି ଯାଆନ୍ତୁ ଯେ, ସେମାନେ ଅହମଦିମାନଙ୍କ ଉପରେ ଯେଉଁ ଅତ୍ୟାଚାର କରୁଛନ୍ତି ତହିଁରୁ ସେମାନେ ନିବୃତ୍ତ ଓ କ୍ଷାନ୍ତ ହୋଇ ଯାଆନ୍ତୁ । କାରଣ ସେମାନେ ଅଲ୍ଲାଃତାଲାଙ୍କ ଶାସ୍ତିରୁ ବର୍ତ୍ତି ଯିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏଥି ସଂକ୍ରାନ୍ତରେ ଯୁଦ୍ଧର ଯେଉଁ ଚର୍ଚ୍ଚା ହେଉଛି ସେହି କ୍ରମରେ ଆଜି ମୁଁ ମକ୍କା ବିଜୟର ଚର୍ଚ୍ଚା ମଧ୍ୟ କରିବି । ସନ୍ ୮ ହିଜ୍ରୀରେ ମକ୍କା ବିଜୟ ହୋଇଥିଲା । ଏହି ଯୁଦ୍ଧକୁ ମହା ବିଜୟ ମଧ୍ୟ କୁହାଯାଏ । ଏହି ବିଜୟ ରମ୍‌ଜାନ୍ ମାସ ୮ ହିଜ୍ରୀରେ ହୋଇଥିଲା । ଯେପରିକି ମୁଁ କହିଲି କି ଏହି ବିଜୟ ହେଉଛି ମହା ବିଜୟ । ଏହି ବିଜୟ ସଂକ୍ରାନ୍ତରେ ଅଲ୍ଲାଃତାଲା ବହୁ ପୂର୍ବରୁ ହିଁ ଶୁଭ ସୂଚନା ପ୍ରଦାନ କରି ଦେଇଥିଲେ । ମକ୍କା ବିଜୟ ଫଳରେ ଲୋକମାନେ ଦଳ ଦଳ ହୋଇ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ ହେଲେ । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-3, ପୃ-386 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-200, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମକ୍କା ବିଜୟ ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ର ଶୁଭ ସୂଚନାର ବର୍ଣ୍ଣନା କରି କୁହନ୍ତି ଯେ, وَقُلْ رَّبِّ اَدْخِلْنِيْ مُدْخَلَ صِدْقٍ وَّاَخْرِجْنِيْ مُخْرَجَ صِدْقٍ وَّاجْعَلْ لِّيْ مِنْ لَّدُنْكَ سُلْطٰنًا نَّصِيْرًا **(ବନି ଇସ୍ରାଇଲ୍: 81)** ଏବଂ କୁହ, ହେ ଆମ୍ଭର ପାଳକର୍ତ୍ତା ! ଆମ୍ଭର ମକ୍କା ସହର ମଧ୍ୟରେ ପୁନର୍ବାର ପ୍ରବେଶକୁ ସତ୍‌ପ୍ରବେଶ କରାଅ ଓ ମକ୍କା ସହରରୁ ପ୍ରସ୍ଥାନନକୁ ସତ୍‌ପ୍ରସ୍ଥାନ କରାଅ, ଏବଂ ଆମ୍ଭ ପାଇଁ ତୁମ୍ଭ ନିକଟରୁ ଜଣେ ସାହାଯ୍ୟକାରୀ ଓ ସାକ୍ଷୀ ପ୍ରଦାନ କର ।

ଏ ହେଉଛି ସେହି ଆୟତ୍ ଯାହା ପ୍ରବାସ ପୂର୍ବେ ସୁରାଃ ବନି ଇସ୍ରାଇଲ୍‌ରେ ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା । ଉକ୍ତ ଆୟତ୍‌ରେ ପ୍ରବାସ ଏବଂ ମକ୍କା ବିଜୟ ସଂପର୍କରେ ସୂଚନା ପ୍ରଦାନ କରାଯାଇଥିଲା । **(ଦିବାଚା ତଫ୍‌ସିରୁଲ୍ କୁରଆନ୍ ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-346ରୁ ଉଦ୍ଧୃତ)**

ସୁରାଃ ଫତାଃରେ ମକ୍କା ବିଜୟର ଶୁଭ ସୂଚନା ଏହିପରି ବର୍ଣ୍ଣିତ ହୋଇଛି ଯେ, لَقَدْ رَضِيَ اللّٰهُ عَنِ الْمُؤْمِنِيْنَ اِذْ يُبَايِعُوْنَكَ تَحْتَ الشَّجَرَةِ فَعَلِمَ مَا فِيْ قُلُوْبِهِمْ فَاَنْزَلَ السَّكِيْنَةَ عَلَيْهِمْ وَاَثَابَهُمْ فَتْحًا قَرِيْبًا **(ଅଲ୍ ଫତହ୍: 19)** ନିଃସନ୍ଦେହ ରୂପେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କ ଠାରୁ ଅତି ପ୍ରସନ୍ନ ହୋଇଗଲେ ଯେତେବେଳେ ସେମାନେ ଏକ ବୃକ୍ଷ ତଳେ ତୁମ୍ଭ ହସ୍ତରେ ବୈଅତ୍ କରୁଥିଲେ । ସେ ତାହାକୁ ଜାଣନ୍ତି ଯାହା ସେମାନଙ୍କ ହୃଦୟରେ ରହିଥିଲା । ଅତଏବ୍ ସେ ସେମାନଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କଲେ ଏବଂ ସେମାନଙ୍କୁ ଏକ ଆସନ୍ନ ବିଜୟ ପ୍ରଦାନ କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାସ୍ତବତା ଏହିକି ଯେ, ଯେଉଁ ଦିନ ଆଁହଜରତ ସ.ଅ ମକ୍କାରୁ ପ୍ରବାସ କରିଥିଲେ ସେହି ଦିନ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଏହି ଶୁଭ ସୂଚନା ମଧ୍ୟ ପ୍ରଦାନ କିରଥିଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଦୁଃଖିତ ହୁଅ ନାହିଁ। ଆମ୍ଭେ ତୁମ୍ଭକୁ ଏହି ସ୍ଥାନକୁ ଅବଶ୍ୟ ଫେରାଇ ଆଣିବୁ । ସୁତରାଂ ପ୍ରବାସ ସମୟରେ ଉକ୍ତ ଆୟତ୍ ଅବତୀର୍ଣ୍ଣ ହେବାର ଚର୍ଚ୍ଚା ମଧ୍ୟ ମିଳେ । ଯେପିରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, اِنَّ الَّذِيْ فَرَضَ عَلَيْكَ الْقُرْاٰنَ لَرَآدُّكَ اِلٰى مَعَادٍ **(ଅଲ୍ କସସ୍:86)** ଅର୍ଥାତ୍ ଯେଉଁ ସତ୍ତା ତୁମ୍ଭ ଉପରେ ପବିତ୍ର କୁରଆନ୍ କରୀମ୍‌କୁ ଅନିର୍ବାର୍ଯ୍ୟ କରିଛନ୍ତି, ସମୟ ଆସିଲେ ସେ ତୁମ୍ଭକୁ ଅବଶ୍ୟ ଉକ୍ତ ସ୍ଥାନକୁ ଫେରାଇ ଆଣିବେ ।

ଇମାମ୍ ଫଖ୍ରୁଦ୍ଦୀନ୍ ରାଜି ଉକ୍ତ ଆୟତ୍‌ର ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି ଯେ, ଉକ୍ତ ଆୟତ୍‌ରେ ମାଆଦ୍ ଶବ୍ଦଟି ପ୍ରତ୍ୟାବର୍ତ୍ତନ ସ୍ଥାନକୁ ବୁଝାଏ । ତେଣୁ ଏଠାର ପ୍ରତ୍ୟାବର୍ତ୍ତନ ସ୍ଥାନ ବା ଭୂମି ମକ୍କା ଅଟେ । ତେଣୁ ତହିଁରୁ ଏହା ହିଁ ଯଥାର୍ଥ ଯେ,ବିଜୟ ଦିନ ଆଁହଜରତ ସ.ଅ ମକ୍କା ଅବଶ୍ୟ ପ୍ରତ୍ୟାବର୍ତ୍ତନ କରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ପ୍ରବାସ ସମୟରେ ଯେତେବେଳେ ରସୁଲୁଲ୍ଲାଃ ସ.ଅ ମଦିନାର ମଧ୍ୟ ଭାଗରେ ଥିଲେ ସେତେବେଳେ ଆପଣ ସ.ଅ ମକ୍କାରୁ

ପ୍ରେମ ଓ ଆନ୍ତରୀକତାମୂଳକ ଭାବାବେଗ ବ୍ୟକ୍ତ କଲେ । ଯେତେବେଳେ ଆପଣ ସ.ଅ ଏହି ଭାବାବେଗ ପରିପ୍ରକାଶ କଲେ ସେତେବେଳେ ହ. ଜିବ୍ରାଇଲ୍ ଅ.ସ ଅବତୀର୍ଣ୍ଣ ହେଲେ ଏବଂ କହିଲେ,, ହେ ମୁହମ୍ମଦ ସ.ଅ ! କ'ଣ ଆପଣ ସ.ଅ ନିଜ ଜନ୍ମଭୂମିକୁ ଯିବାକୁ ଇଚ୍ଛୁକ ଅଟନ୍ତି କି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହଁ । ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ମୁହମ୍ମଦ୍ ସ.ଅ ! ଅଲ୍ଲାଃତାଲା କୁହନ୍ତି, اِنَّ الَّذِیۡ فَرَضَ عَلَیۡکَ الۡقُرۡاٰنَ لَرَآدُّکَ اِلٰی مَعَادٍ ଅର୍ଥାତ୍ ସେହି ସତ୍ତାଙ୍କର ଶପଥ ! ଯିଏ ତୁମ୍ଭ ଉପରେ ପବିତ୍ର କୁରଆନ୍ କରୀମ୍ ଅନିର୍ବାର୍ଯ୍ୟ କରିଦେଇଛନ୍ତି । ସେହି ଅଲ୍ଲାଃ ତୁମ୍ଭକୁ ମକ୍କାକୁ ଅବଶ୍ୟ ଫେରାଇ ଆଣିବେ । ଅର୍ଥାତ୍ ତୁମ୍ଭକୁ କୁରୈଶ୍‌ମାନଙ୍କ ଉପରେ ବିଜୟ ପ୍ରଦାନ କରି ଅବଶ୍ୟ ମକ୍କା ଫେରାଇ ଆଣିବେ । କାରଣ ଆଁହଜରତ ସ.ଅ ସେତେବେଳେ ମକ୍କାରେ ଉପସ୍ଥିତ ଥିଲେ । ପୁନଶ୍ଚ ଏହାପରେ ଆପଣ ସ.ଅ ମକ୍କା ଛାଡ଼ିଦେଲେ ଓ ପୁନଶ୍ଚ (ପୁଣି) ସେଠାରୁ (ମଦିନାରୁ) ଫେରି ଆସିଲେ । ତେଣୁ ଉପରୋକ୍ତ କଥା ମକ୍କା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଉଚିତ୍ ଏବଂ ଯୁକ୍ତିଯୁକ୍ତ ହୋଇପାରିବ ନାହିଁ ।

ଗେବଷକମାନଙ୍କ ନିକଟରେ ପବିତ୍ର କୁରଆନ୍ କରୀମ୍‌ର ଏହି ଭବିଷ୍ୟବାଣୀ ଆଁହଜରତ ସ.ଅଙ୍କ ଅବତାରତ୍ୱର ପ୍ରମାଣ ଅଟେ । କାରଣ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଠାରୁ ଆଦୃଷ୍ଟ ଖବର ପ୍ରାପ୍ତ କରି ଲୋକମାନଙ୍କୁ ଅବଗତ କରାଇଥିଲେ । ସୁତରାଂ ଯେପରି ଆପଣ ସ.ଅ ସୂଚନା ଦେଇଥିଲେ ଠିକ୍ ସେହିପରି ହିଁ ଘଟିଲା । **(ଅତ୍ ତଫ୍‌ସିରୁଲ୍ କବିର୍, ରାଜି, ଭାଗ-13 ଓ 25, ପୃ-19 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ରେ ଆଉ ଏକ ସ୍ଥାନରେ ମଧ୍ୟ ମକ୍କା ବିଜୟ ହେବାର ଭବିଷ୍ୟବାଣୀ କରାଯାଇଥିଲା । ସେହି ଭବିଷ୍ୟବାଣୀରେ ଆଁହଜରତ ସ.ଅଙ୍କ ସମେତ ସମସ୍ତ ମୁସଲମାନମାନଙ୍କୁ ଏହା ସ୍ମରଣ ମଧ୍ୟ କରାଇ ଦିଆଯାଇଅଛି କି ହେ ମୁସଲମାନମାନେ ! ତୁମେମାନେ ଯେଉଁ ସ୍ଥାନକୁ ବି ଯାଅ କିନ୍ତୁ ଏହା ଆଦୌ ଭୁଲିବ ନାହିଁ ଯେ, ମକ୍କା ଶେଷରେ ହିଁ ଜୟ ହେବ ଏବଂ ତୁମକୁ ଏଥି ନିମନ୍ତେ ଉଦ୍ୟମ ଓ ଦୁଆ ମଧ୍ୟ କରିବାକୁ ହେବ । ଅତଏବ୍ ପବିତ୍ର କୁରଆନ୍ କରୀମ୍‌ର ଭବିଷ୍ୟବାଣୀର ପ୍ରକାଶରେ ଆମେମାନେ ଏହା କହିପାରିବୁ ଯେ, ଆଁହଜରତ ସ.ଅଙ୍କ ଏଯାବତ୍ ସମସ୍ତ ଯୁଦ୍ଧ ଏବଂ ସୈନ୍ୟ ଅଭିଯାନର ମୁଖ୍ୟ ଅଭିପ୍ରାୟ ମକ୍କା ବିଜୟ ମଧ୍ୟ ଥିଲା ।

ସୁତରାଂ ଏହି ମହାନ୍ ଭବିଷ୍ୟବାଣୀ وَمِنۡ حَیۡثُ خَرَجۡتَ فَوَلِّ وَجۡہَکَ شَطۡرَ الۡمَسۡجِدِ الۡحَرَامِ **(ଅଲ ବକ୍ରାହ୍:150)** ଅର୍ଥାତ୍ ତୁମ୍ଭେ ଯେକୌଣସି ସ୍ଥାନରୁ ବାହାରିଲେ ମଧ୍ୟ ନିଜର ଧ୍ୟାନ ମସ୍‌ଜିଦେ ହରାମ୍ ଆଡ଼କୁ ଫେରାଇ ନିଅ, ଏବଂ ତୁମେମାନେ ଯେଉଁଠି ବି ଥାଅ ପଛେ ସେହି ଆଡ଼କୁ ହିଁ ନିଜର ମୁହଁ କର ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁରାଃ ବକ୍ରାହ୍‌ର ଉପରୋକ୍ତ ଯେଉଁ ଆୟତ୍ ରହିଛି ତାହାର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ବ୍ୟାଖ୍ୟା କରି କୁହନ୍ତି ଯେ, ବ୍ୟାଖ୍ୟାକାରମାନେ وَمِنۡ حَیۡثُ خَرَجۡتَ ସଂପର୍କରେ ଏହା କହିଛନ୍ତି ଯେ, ତୁମେମାନେ ଯେଉଁଠି ବି ଥାଅ ପଛେ ପ୍ରତ୍ୟେକ ପରିସ୍ଥିତିରେ ତୁମେମାନେ ନିଜର କିବ୍‌ଲା ମସ୍‌ଜିଦେ ହରାମ୍‌କୁ ହିଁ ରଖ । ଏହାର କାରଣ ଦର୍ଶାଇ ବ୍ୟାଖ୍ୟାକାରମାନେ କୁହନ୍ତି ଯେ, ପୂର୍ବ ଆଦେଶରୁ ଏହି ଧାରଣା ସୃଷ୍ଟି ହୋଇପାରି ଥାଆନ୍ତା ଯେ, ସମ୍ଭବତଃ କିବ୍‌ଲା କେବଳ ମଦିନାବାସୀମାନଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ ହୋଇଥିବ, ଅନ୍ୟମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇ ନଥିବ । ସେଇଥି ପାଇଁ ଅଲ୍ଲାଃତାଲା କହିଲେ, ତୁମେମାନେ ଯେଉଁଠୁ ବି ବାହାର ନିଜର ମୁଖ ମସ୍‌ଜିଦେ ହରାମ୍ ଆଡ଼କୁ ଫେରାଇ ନିଅ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, କିନ୍ତୁ ସତ୍ୟତା ଏହିକି ଯେ, ଯଦିଓ ଉପରୋକ୍ତ ଆୟତ୍‌ରେ ଆଁହଜରତ ସ.ଅଙ୍କୁ ସମ୍ବୋଧନ କରାଯାଇଛି କିମ୍ବା ସମସ୍ତ ମୁସଲମାନମାନଙ୍କୁ ସମ୍ବୋଧନ କରାଯାଇଛି ପଛେ । କିନ୍ତୁ ଏହାର ଅର୍ଥ କିବ୍‌ଲା ଆଡ଼କୁ ମୁହଁ କରିବା ହୋଇପାରିବ ନାହିଁ । **1-** ଏଇଥି ପାଇଁ ଯେ, ଯେଉଁ ନମାଜ୍ କୌଣସି ସହର କିମ୍ବା ଗ୍ରାମରେ ରହି ପାଠ କରାଯାଇଥାଏ ତାହା ସହରରୁ ବାହାରିବା (ପ୍ରସ୍ଥାନ) କରିବା ସମୟର ନମାଜ ସହିତ ବିଶେଷ ରୂପେ ଅଧିକ ହୋଇଥାଏ । ଏଭଳି ପରିସ୍ଥିତିରେ ଏହି ଆଦେଶ ଦେବାର ଥିଲା ଯାହା ନମାଜ୍ ଉପରେ ଅଧିକ ଚରିତାର୍ଥ ହୋଇପାରି ଥାଆନ୍ତା । ନା କି ଏପରି ଆଦେଶ ଦିଆଯାଇଥାଆନ୍ତା ଯେଉଁ ଆଦେଶ ଉପରେ କାର୍ଯ୍ୟାନୁସରଣ କରିବାର ସମ୍ଭାବନା ଯାତ୍ରାବସ୍ଥାରେ ହିଁ ଖୁବ୍ କମ୍ ହୋଇଥାଏ । ଉଦାହରଣ ସ୍ୱରୂପ ଏହା ହୋଇପାରେ ଯେ, କୌଣସି ବ୍ୟକ୍ତି ସକାଳ 10.00 ସମୟରେ ସହରରୁ ବାହାରେ କିମ୍ବା ଅସର୍ ଓ ମଗରିବର ମଧ୍ୟବର୍ତ୍ତୀ ସମୟରେ ସହରରୁ ବାହାରେ ଅବା ଅର୍ଦ୍ଧ ରାତ୍ର ସମୟରେ ସହରରୁ ବାହାରେ, ତେବେ ଏହି ସମସ୍ତ ସମୟ ଏପରି ଅଟନ୍ତି ଯହିଁରେ ନମାଜ ପାଠ କରିବାର କୌଣସି ପ୍ରଶ୍ନ ହିଁ ଉଠୁ ନାହିଁ । ଏହିସବୁ ପରିସ୍ଥିତିରେ وَمِنۡ حَیۡثُ خَرَجۡتَ فَوَلِّ وَجۡہَکَ شَطۡرَ الۡمَسۡجِدِ ର ଆଦେଶ ନିରର୍ଥକ ହୋଇଯାଇଥାଏ । କାରଣ ଯେତେବେଳେ କୌଣସି ସହରରୁ ପ୍ରସ୍ଥାନ କାରଯାଏ ସେତେବେଳେ ଖୁବ୍ କମ୍ ହିଁ ନମାଜ ପାଠ କରିବାର ସୁଯୋଗ ପ୍ରାପ୍ତ ହୋଇଥାଏ । ବିଶେଷକରି ମନୁଷ୍ୟ ସେତେବେଳେ ନମାଜ ପାଠ କରି ସାରିଥାଏ ଅବା ଯଦି ନମାଜ ପାଠ କରିବ ତେବେ କିଛି ସମୟ ପରେ ମଧ୍ୟ ସେ ନମାଜ ପାଠ କରି ପାରିବ । ସେ ଯାହା ହେଉ ବାହାରିବା ବା ପ୍ରସ୍ଥାନ ସହିତ ନମାଜ୍‌ର କୌଣସି ସଂପର୍କ ନାହିଁ । ପୁନଶ୍ଚ ଏହି ଅର୍ଥକୁ ସେହି ସ୍ଥିତିରେ ମଧ୍ୟ ସଠିକ୍ ବୋଲି ମନେକରାଯାଇ ପାରିଥାଆନ୍ତା ଯେତେବେଳେ କୌଣସି ନମାଜ୍ ପ୍ରସ୍ଥାନ ଅର୍ଥାତ୍ ବାହାରିବା ସମୟ ସହିତ ମଧ୍ୟ ବିଶେଷ ରୂପେ ସଂପର୍କ ରଖି ଥାଆନ୍ତା। କିନ୍ତୁ ସମସ୍ତ ଲୋକମାନେ ଏକଥା ଜାଣନ୍ତି ଯେ, ବାହାରିବା ବା ପ୍ରସ୍ଥାନ ସମୟ ସହିତ ନମାଜ୍‌ର କୌଣସି ସଂପର୍କ ନଥାଏ ।

ସୁତରାଂ ଏହିପରି ପରିସ୍ଥିତିରେ ଏହି ଆୟତ୍‌କୁ ଉଦ୍ଦେଶ୍ୟମୂଳକ ଭାବରେ ଘରୁ ବାହାରିବା ସହିତ ଚରିତାର୍ଥ କରିବା କୌଣସି ମତେ ଯୁକ୍ତିଯୁକ୍ତ ବୋଲି ମନେକରାଯାଇ ପାରିବ ନାହିଁ । ଅର୍ଥାତ୍ ଯାତ୍ରାବସ୍ଥାରେ ତ' ବେଳେବେଳେ ଦିଗର ପ୍ରଶ୍ନକୁ ପାସୋରି ଦିଆଯାଇଥାଏ ଏବଂ ଯେଉଁଆଡ଼େ ମୁହଁ ବୁଲାଅ ବା ଫେରାଅ ସେହି ଆଡ଼େ ହିଁ ନମାଜ୍ ପାଠ ହୋଇଯାଇଥାଏ । ଉଦାହରଣ ସ୍ୱରୂପ ମନୁଷ୍ୟ ଯେତେବେଳେ ନିଜର ଯାନରୁ ତଳକୁ ଓହ୍ଲାଇ ପାରୁ ନଥିବ ସେତେବେଳେ ପବିତ୍ର କୁରଆନ୍ କରୀମ୍ ଏବଂ ରସୁଲ୍ କରୀମ୍ ସ.ଅଙ୍କ କୃତ୍ୟରୁ ଏହା ହିଁ ପ୍ରମାଣିତ ଯେ, ସେତେବେଳେ ବ୍ୟକ୍ତିର ମୁହଁ ଯେଉଁଆଡ଼େ ବି ହୋଇଯାଉ ପଛ ସେହିଆଡ଼େ ମୁହଁ କରି ନମାଜ ପାଠ କରିବା ବୈଧ ଅଟେ । ଅର୍ଥାତ୍ ବ୍ୟକ୍ତି ଯଦି ଯାତ୍ରା ସମୟରେ ନମାଜ ପାଠ କରୁଥାଏ ସେତେବେଳେ ଯେଉଁଆଡ଼େ ମୁହଁ କଲେ ସେହିଆଡ଼େ ମୁହଁ କରି ନାମଜ ପାଠ କିରବା ବୈଧ ଅଟେ । ଅର୍ଥାତ୍ ବ୍ୟକ୍ତିର ମୁଁହ କିବ୍‌ଲା ଆଡ଼କୁ ଥାଉ ଅବା ନଥାଉ ପଛେ କିନ୍ତୁ ନମାଜ୍ ସମ୍ପାଦିତ ହୋଇଯିବ । ସେତେବେଳେ ଦିଗର କୌଣସି ପ୍ରଶ୍ନ ସୃଷ୍ଟି ହୋଇ ନଥାଆନ୍ତା । ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁ ଏକାପରି ହୋଇଥାଆନ୍ତି । କେବଳ ହୃଦୟଜନିତ ଧ୍ୟାନ ଖାନା କାଆବା ଆଡ଼କୁ ହେବା ଉଚିତ୍ । ନମାଜ ପାଠ କରୁଥିବା ସମୟରେ ମନ ମଧ୍ୟରେ କେବଳ ଏହି ଧାରଣା ଥିବା ଉଚିତ୍ କି ମୋର ଧ୍ୟାନ ଖାନା କାଆବା ଆଡ଼କୁ ରହିଛି.........ଆଜିକାଲି ମନୁଷ୍ୟ ଯେତେବେଳେ ରେଳଗାଡ଼ିରେ ଆରୋହଣ ହୋଇଥାଏ ସେତେବେଳେ ମଧ୍ୟ ଦିଗର କୌଣସି ବାଧ ବାଧକତା ହୋଇ ନଥାଏ। କାରଣ ଗାଡ଼ି କେତେବେଳେ ଉତ୍ତର ଦିଗକୁ, କେତେବେଳେ ଦକ୍ଷିଣ ଦିଗକୁ, କେତେବେଳେ ପୂର୍ବ ଦିଗକୁ ତ' ଆଉ କେତେବେଳେ ପଶ୍ଚିମ ଦିଗ ଆଡ଼କୁ ବୁଲିଥାଏ । ସେହିପରି ଜାହାଜ ଓ ବିମାନ ଯାତ୍ରାରେ ଯାହାକି ଦୀର୍ଘ ଯାତ୍ରା ଅଟନ୍ତି, ସେହି ଯାତ୍ରାରେ ମଧ୍ୟ ଆମେମାନେ ଦଖିଥାଉ । କିନ୍ତୁ ଏସବୁ ସତ୍ତ୍ୱେ ଯେଉଁ ବ୍ୟକ୍ତି ଜାହାଜ କିମ୍ବା ବିମାନରେ ବସି ନମାଜ୍ ପାଠ କରିଥାଏ ତା'ର ନମାଜରେ କୌଣସି ବ୍ୟାଘାତ ସୃଷ୍ଟି ହୋଇ ନଥାଏ । ଯଦି ବ୍ୟାଖ୍ୟାକାରମାନଙ୍କର ଅର୍ଥକୁ ସଠିକ୍ ବୋଲି ମନେକରାଯାଏ ତେବେ ଉକ୍ତ ଆଦେଶାବଳୀ ଉପରେ ନା କାର୍ଯ୍ୟାନୁସରଣ କରାଯାଇପାରିବ ଓ ନା ହିଁ ରେଳଗାଡ଼ିରେ ବସିଥିବା ଯାତ୍ରୀ ଏହା ଉପରେ କାର୍ଯ୍ୟାନୁସରଣ କରି ପାରିବ । ଅତଏବ୍ ଯେତେବେଳେ ପ୍ରସ୍ଥାନ ସମୟରେ ଦିଗର ବିଶେଷ ବାଧ ବାଧକତା ରହୁ ନାହିଁ ତେବେ ଉପରୋକ୍ତ ଆୟତରୁ ଏହା ଯଥାର୍ଥ ମନେକରିବା କି ତୁମେମାନେ ଯେଉଁଠୁ ବି ବାହାର ଖାନା କାଆବା ଆଡ଼କୁ ମୁହଁ କରି ନମାଜ୍ ପାଠ କରିବା କିପରି ସଠିକ୍ ଯୁକ୍ତିଯୁକ୍ତ ବୋଲି ହୋଇପାରିବ ।

ପୁନଶ୍ଚ ଏହି ଅର୍ଥ ଏଇଥି ପାଇଁ ସଠିକ୍ ନୁହେଁ ଯେ, ଉକ୍ତ ଆୟତ୍‌ର ଶାବ୍ଦିକ ଅର୍ଥ ଏହା ହେବ ଯେ, ତୁମେମାନେ ଯେଉଁଠୁ ବି ବାହାର ନିଜର ମୁହଁ ମସ୍‌ଜିଦେ ହରାମ୍ ଆଡ଼କୁ କର କିମ୍ବା ତୁମେମାନେ ଯେଉଁ ସ୍ଥାନରୁ ବି ବାହାର ନିଜର ମୁଖ ମସ୍‌ଜିଦେ ହରାମ୍ ଆଡ଼କୁ କରିନିଅ । ବର୍ତ୍ତମାନ ଉକ୍ତ କଥାକୁ ପ୍ରତ୍ୟେକ ବ୍ୟକ୍ତି ବୁଝି ପାରିବ ଯେ, ଚାଲିବା ସମୟରେ ନମାଜ ପାଠ କରାଯାଇ ପାରିବ ନାହିଁ । ବରଂ ସ୍ଥିର ଚିତ୍ତରେ ହିଁ ନମାଜ ପାଠ କରାଯାଇ ପାରିବ । ହଁ ଯଦି ଉକ୍ତ ଆୟତ୍‌ର ଏହି ଅର୍ଥ ହୋଇ ଥାଆନ୍ତା କି حَیۡثُ خَرَجۡتَ فَوَلِّ وَجۡہَکَ شَطۡرَ الۡمَسۡجِدِ ତୁମେମାନେ ଯେଉଁଠି ବି ଥାଅ ପଛେ କିନ୍ତୁ ନିଜର ମୁଖ ମସ୍‌ଜିଦେ ହରାମ୍ ଆଡ଼କୁ କରିନିଅ । ତେବେ ଏହି ଅର୍ଥ ସଠିକ୍ ହୋଇପାରି ଥାଆନ୍ତା । ଅର୍ଥାତ୍ ହେ ମୁହମ୍ମଦ୍ ! ତୁମ୍ଭେ ଯେଉଁଠି ବି ଥାଅ ପଛେ ନିଜର ମୁଖକୁ ମସ୍‌ଜିଦେ ହରାମ୍ ଆଡ଼କୁ ଫେରାଇ ନିଅ । ଅତଏବ୍ ସେତେବେଳେ ଏହି ଅର୍ଥ ସଠିକ୍ ହୋଇଥାଆନ୍ତା । କିନ୍ତୁ ଏଠାରେ ତ' ଏହା କୁହାଯାଇଛି ଯେ, وَمِنۡ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

حَيْثُ خَرَجْتَ فَوَلِّ وَجْهَكَ شَطْرَ الْمَسْجِدِ ଅର୍ଥାତ୍ ହେ ମୁହମ୍ମଦ୍ ! ତୁମ୍ଭେ ଯେକୌଣସି ସ୍ଥାନରୁ ବାହାରିଲେ ମଧ୍ୟ ନିଜର ଧ୍ୟାନ ମସ୍‌ଜିଦେ ହରାମ୍ ଆଡ଼କୁ ଫେରାଇ ନିଅ, ଏବଂ ହେ ମୁସୁଲମାନମାନେ ! ତୁମେମାନେ ଯେଉଁଠି ବି ଥାଅ ପଛେ ସେହି ଆଡ଼କୁ ହିଁ ନିଜର ମୁହଁ କର । ବର୍ତ୍ତମାନ ଏହା ସ୍ପଷ୍ଟ ଯେ, ବାହାରିବା ସମୟରେ ନମାଜ ପାଠ କରାଯାଇ ନଥାଏ । ବରଂ କୌଣସି ସ୍ଥାନରେ ସ୍ଥିର ଚିତ୍ତ ଅବସ୍ଥାରେ ହିଁ ନମାଜ ପାଠ କରାଯାଇଥାଏ । ଅତଏବ୍ ତହିଁରୁ ଏହା ଜ୍ଞାତ ହେଲା ଯେ, ଏଠାରେ ନମାଜ୍ ପାଠ କରିବାର ଅର୍ଥ କରିବା କୌଣସି ସ୍ଥିତିରେ ମଧ୍ୟ ସଠିକ୍ ନୁହେଁ । ବ୍ୟାଖ୍ୟାକାରମାନେ କୁହନ୍ତି ଯେ, ଯଦି ନମାଜ୍ ଏବଂ ପ୍ରସ୍ଥାନର କୌଣସି ସଂପର୍କକୁ ସ୍ୱୀକର ନକରାଯାଏ ତେବେ ବାରମ୍ବରତା ଅନିର୍ବାର୍ଯ୍ୟ ହୋଇଯାଇଥାଏ । କିନ୍ତୁ ଏହା ମଧ୍ୟ ଭୁଲ୍ ଅଟେ । ବ୍ୟାଖ୍ୟାକାରମାନଙ୍କୁ ପବିତ୍ର କୁରାନ୍ କରୀମ୍‌ରେ ବାରମ୍ବରାତା ସ୍ପଷ୍ଟ ରୂପେ ଦୃଶ୍ୟମାନ ହୋଇଥାଏ ଯେ, ସେହି ବ୍ୟାଖ୍ୟାକାରମାନେ ପବିତ୍ର କୁରାନ୍ କରୀମ୍‌ର ସଠିକ୍ ଅର୍ଥ ଏବଂ ବିଷୟବସ୍ତୁର ପାରସ୍ପାରିକ ସଂଯୋଜନା ଅର୍ଥାତ ସଂପର୍କକୁ ବୁଝି ପାରିଲେ ନାହିଁ । ସେମାନଙ୍କୁ ଯେଉଁଠି ବି କୌଣସି ଆପତ୍ତି ଦୃଶ୍ୟମାନ ହୁଏ ସେତେବେଳେ ସେମାନେ ତୁରନ୍ତ ନାସିଖ୍ ଓ ମନ୍‌ସୁଖ ଉପରେ ବିତର୍କ ଆରମ୍ଭ କରିଦେଇ ଥାଆନ୍ତି। ସେହି ବ୍ୟାଖ୍ୟାକାରମାନେ ପବିତ୍ର କୁରଆନ୍ କରୀମ୍‌ର ଗୋଟିଏ ଆୟତ୍‌କୁ ନାସିଖ୍ ଏବଂ ଅନ୍ୟ ଆୟତ୍‌କୁ ମନ୍‌ସୁଖ୍ ବୋଲି ବିବେଚିତ କରି ଆପତ୍ତି ମାଧ୍ୟମରେ ମୁକ୍ତି ପ୍ରାପ୍ତ କରିନେଇ ଥାଆନ୍ତି । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଯେଉଁ ସତ୍ୟତା ତଥା ବାସ୍ତବତା ହ. ମସିହ୍ ମଉଦ୍ ଅ.ସ ସଂସାରକୁ ଅବଗତ କରାଇଛନ୍ତି, ଯଦି ଏହି ସତ୍ୟତାକୁ ଦୃଷ୍ଟି ସମ୍ମୁଖରେ ରଖାଯାଏ ତେବେ ପବିତ୍ର କୁରଆନ୍ କରୀମ୍‌ରେ ନା କୌଣସି ବାରମ୍ବରାତା ଅର୍ଥାତ୍ କଳହ ଦୃଶ୍ୟମାନେ ହୋଇପୋରିବ ଓ ନା ହିଁ କୌଣସି ଆୟତ୍‌କୁ ମନ୍‌ସୁଖ ବୋଲି ବିବେଚିତ କରାଯାଇପାରିବ । ପ୍ରକୃତ ପ୍ରସଙ୍ଗ ଏହିକି ଯେ, ରସୁଲ୍ କରୀମ୍ ସ.ଅଙ୍କୁ ଯେତେବେଳେ ମକ୍କା ଭୂମିରୁ ବିତାଡ଼ିତ କରିଗଲା ସେତେବେଳେ ଇସ୍‌ଲାମ୍ ଧର୍ମର ଶତ୍ରୁମାନଙ୍କୁ ଏହି ଆପତ୍ତି କରିବାର ସୁଯୋଗ ମିଳିଲା ଯେ, ଆପଣ ସ.ଅ ଯେତେବେଳେ ହ. ଇବ୍ରାହିମ୍ ଅ.ସଙ୍କ ଦୁଆର ପ୍ରତିଶ୍ରୁତ ବାର୍ତ୍ତାବହ ଥିଲେ ଏବଂ ଖାନା କାଆବା ସହିତ ଆପଣ ସ.ଅଙ୍କର ସଂପର୍କ ଥିଲା ତେବେ ଏହି ପ୍ରଶ୍ନ ସୃଷ୍ଟି ହୁଏ ଯେ, ଆପଣ ସ.ଅଙ୍କୁ ମକ୍କାରୁ କାହିଁକି ବାହାର କରିଦିଆଗଲା । କାହିଁକି ଆପଣ ସ.ଅଙ୍କୁ ବିତାଡ଼ିତ କିରିଦଆଗଲା । ଯଦି ଆପଣ ସ.ଅଙ୍କୁ ମକ୍କାରୁ ବିତାଡ଼ିତ କରିଦିଆଗଲା ସେତେବେଳେ ଆପଣ ସ.ଅ ହ. ଇବ୍ରାହିମ୍ ଅ.ସଙ୍କ ଦୁଆର କିପରି ଚରିତାର୍ଥ ଓ ପୁଷ୍ଟିକର୍ତ୍ତା ହୋଇପାରିବେ ? ଉକ୍ତ ଆପତ୍ତିର ଉତ୍ତରରେ ଅଲ୍ଲାଃତାଲା କୁହନ୍ତି ଯେ, مِنْ حَيْثُ خَرَجْتَ فَوَلِّ وَجْهَكَ شَطْرَ الْمَسْجِدِ الْحَرَامِ ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ମକ୍କାରୁ ତୁମର ବାହାରିବା ସାମୟିକ ଅଟେ । ଆମ୍ଭେ ତୁମ୍ଭ ସହିତ ଏହି ଅଙ୍ଗୀକାର କରୁଅଛୁ କି ଆମ୍ଭେ ତୁମ୍ଭକୁ ପୁନଃ ଏହି ସୁଯୋଗ ପ୍ରଦାନ କରିବୁ ଓ ତୁମ୍ଭେ ମକ୍କା ଉପରେ ଆଧିପତ୍ୟ ବିସ୍ତାର କରିନେବ । କିନ୍ତୁ ଯେଉଁଠି ଅଲ୍ଲାଃତାଲାଙ୍କର ବିଶ୍ୱାସକାରୀ ଭକ୍ତମାନଙ୍କ ସହିତ ଏହି ଅଙ୍ଗୀକାର ହୋଇଥାଏ ସେଠାରେ ସେ ଅର୍ଥାତ୍ ଅଲ୍ଲାଃତାଲା ସେମାନଙ୍କ ଠାରୁ ଏହି ଆଶା ପୋଷଣ ମଧ୍ୟ କରିଥାଆନ୍ତି ଯେ, ସେମାନେ ଅର୍ଥାତ୍ ବିଶ୍ୱାସକାରୀମାନେ ଉକ୍ତ ଅଙ୍ଗୀକାରକୁ ପୂରଣ କରିବା ନିମନ୍ତେ ଉଦ୍ୟମ କରିବେ । ଏପରି ନୁହେଁ କି ଈଶ୍ୱର ସେମାନଙ୍କ ସହିତ ଅଙ୍ଗୀକାର କରିବେ ଓ ସେମାନେ ହାତ ଉପରେ ହାତ ରଖି ବସିଯିବେ ଏବଂ ସେମାନେ ସେହି ଅଙ୍ଗୀକାରକୁ ପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ ମଧ୍ୟ କରିବେ ନାହିଁ । ସେମାନେ ଯଦି ଏହା ମନେକରି ନିଅନ୍ତି ଯେ, ଈଶ୍ୱର ଯେତେବେଳେ ଅଙ୍ଗୀକାର ତଥା ପ୍ରତିଶ୍ରୁତି କରିଛନ୍ତି ତେବେ ସେ ସ୍ୱୟଂ ହିଁ ଉକ୍ତ ଅଙ୍ଗୀକାରକୁ ପୂର୍ଣ୍ଣ କରିବେ । ଆମମାନଙ୍କୁ ସେହି ଅଙ୍ଗୀକାରକୁ ପୂର୍ଣ୍ଣ କରିବାର କ'ଣ ବା ଆବଶ୍ୟକତା ରହିଛି ?

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି : "ଲୋକମାନେ ଯଦି ଏହା ମନେକରନ୍ତି ଯେ, ହ. ମୁସା ଅ.ସ ନିଜ ସଂପ୍ରଦାୟକୁ ଧରି ବାହାରି ପଡ଼ିଲେ। ଯେତେବେଳେ ସେହି ଦେଶଟି ସମ୍ମୁଖୁ ଚାଲି ଆସିଲା ସେତେବେଳେ ଆପଣ ଅ.ସ ନିଜର ଜାତି ବା ସଂପ୍ରଦାୟର ଲୋକମାନଙ୍କୁ କହିଲେ, ହେ ଲୋକମାନେ ଯାଅ ଏବ ଯୁଦ୍ଧ କରି ସେହି ଦେଶକୁ ଅଧିକାର କରିନିଅ । ହ. ମୁସା ଅ.ସଙ୍କ ସଂପ୍ରଦାୟ ଭ୍ରମବଶତଃ ଏହା ଭାବିନେଲା ଯେ, ଈଶ୍ୱର ତ' ଏହି ଦେଶ ଆମମାନଙ୍କୁ ଦେବା ନିମନ୍ତେ ଅଙ୍ଗୀକାର କରିଛନ୍ତି, ତେଣୁ ସେ ନିଜେ ହିଁ ଉକ୍ତ ଅଙ୍ଗୀକାରକୁ (ପ୍ରତିଶ୍ରୁତିକୁ) ପୂରଣ କରିବେ । ତେଣୁ ସେହି ଈଶ୍ୱର ହିଁ ନିଜେ ନିଜର ଅଙ୍ଗୀକାରକୁ ପୂର୍ଣ୍ଣ କରିବେ । ଆମମାନଙ୍କୁ ଏଥି ନିମନ୍ତେ କୌଣସି ପ୍ରକାରର ଉଦ୍ୟମ ଏବଂ ପରିଶ୍ରମ କରିବାର ଆବଶ୍ୟକତା ନାହିଁ । ତେଣୁ ସେମାନେ ଅର୍ଥାତ୍ ମୁସା ଅ.ସଙ୍କ ଧର୍ମାବଲମ୍ବୀମାନେ ହ. ମୁସା ଅ.ସଙ୍କୁ କହିଦେଲେ ଯେ, ହେ ମୁସା ! ତୁମ୍ଭେ ଆମ୍ଭମାନଙ୍କୁ କହୁଥିଲ ପରା ଏହି ଦେଶ ଈଶ୍ୱର ଆମମାନଙ୍କୁ ଦେଇଦେବେ । ବର୍ତ୍ତମାନ ତୁମ୍ଭର ଓ ତୁମ୍ଭ ଈଶ୍ୱରଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ତୁମ୍ଭେମାନେ ହିଁ ଆମ୍ଭମାନଙ୍କୁ ଏହି ଦେଶ ପ୍ରଦାନ କର । ଆମ୍ଭେମାନେ ଯଦି ଏହି ଦେଶକୁ ଜୟ କଲୁ ତେବେ ତୁମ୍ଭର ଓ ତୁମ୍ଭ ଈଶ୍ୱରଙ୍କ ଅଙ୍ଗୀକାରର କ'ଣଟା ଲାଭ ହେଲା ? ତୁମ୍ଭେ ହିଁ ଆମ୍ଭମାନଙ୍କୁ କହିଥିଲ ଯେ, ଈଶ୍ୱରଙ୍କ ଏହି ଅଙ୍ଗୀକାର ରିହଛି ଯେ, ଏହି ଦେଶ ଆମ୍ଭମାନଙ୍କୁ ଅବଶ୍ୟ ପ୍ରାପ୍ତ ହେବ । ତେଣୁ ବର୍ତ୍ତମାନ ତୁମ୍ଭେ ଓ ତୁମ୍ଭର ଈଶ୍ୱର ଦୁହେଁ ଯାଇ ଲଢ । ଆମ୍ଭେମାନେ ଏହିଠାରେ ହିଁ ବସି ରହିଥିବୁ । ଆମ୍ଭେମାନେ କିଛି କରିବୁ ନାହିଁ । ତୁମ୍ଭେ ଯେତେବେଳେ ଦେଶ ଜୟ କରି ଆମ୍ଭମାନଙ୍କୁ ଦେଇ ଦେବ ଆମ୍ଭେମାନେ ସେତେବେଳେ ଦେଶ ମଧ୍ୟରେ ପ୍ରବେଶ କରିନେବୁ ।"

ହୁଜୁର ର.ଅ କହିଲେ, ବର୍ତ୍ତମାନ ପ୍ରକାଶ୍ୟ ରୂପେ ସେମାନଙ୍କର ଏକଥା କହିବା ସଠିକ୍ ବୋଲି ମନେହଉଛି । ଯଦି କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଏକଥା କହେ କି ହେ ବ୍ୟକ୍ତି ! ମୁଁ ତୋତେ ଅମକ ଜିନିଷ ଦେବି ଏବଂ ସେହି ବ୍ୟକ୍ତି ଯେତେବେଳେ ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତି ପାଖକୁ ଆସି ସେହି ଜିନିଷ ମାଗେ ଏବଂ ସମ୍ମୁଖରୁ ସେହି ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତି ଏହା କହିଦିଏ ଯେ, ଯାଅ ତୁମେ ଯାଇ ବଜାରରୁ ସେହି ଜିନିଷ କିଣିନିଅ । ତେବେ ସମସ୍ତେ ଏହା କହିବେ ଯେ, ଯଦି ସେହି ବ୍ୟକ୍ତି ବଜାରରୁ ସେହି ଜିନିଷ କିଣି ନେଇଥାଆନ୍ତା ତେବେ ତୁମେ ତା' ସହିତ ଅଙ୍ଗୀକାର ତଥା ପ୍ରତିଶ୍ରୁତି ଦେବାର ଆବଶ୍ୟକତା କ'ଣ ଥିଲା ? ଅତଏବ୍ ପ୍ରକାଶ୍ୟ ରୂପେ ଉକ୍ତ କଥାଟି ଯୁକ୍ତିଯୁକ୍ତ ବୋଲି ଦୃଶ୍ୟମାନ ହେଉଛି । କିନ୍ତୁ ଐଶୀ ପରମ୍ପରାମାନଙ୍କରେ ଉକ୍ତ କଥାଟି ସବୁଠୁ ଅଯୌକ୍ତିକ ପ୍ରସଙ୍ଗ (କଥା) ବୋଲି ମନେହୁଏ । ତେଣୁ ଅଲ୍ଲାଃତାଲା ବନି ଇସ୍ରାଇଲ୍ ଜାତିର ପ୍ରଶଂସା କଲେ ନାହିଁ । ଅଲ୍ଲାଃତାଲା ଏହା କହିଲେ ନାହିଁ ଯେ, ତୁମମାନଙ୍କୁ ଲଢିବାର ଆବଶ୍ୟକତା ନାହିଁ ଏବଂ ଏହା କହିଲେ ନାହିଁ ଯେ, ଲଢିବାର ଦାୟିତ୍ୱ ଆମମାନଙ୍କର ଅଟେ । ଆମ୍ଭେମାନେ ଏହି ଦେଶ ସେମାନଙ୍କ ଠାରୁ ନେଇ ତୁମ୍ଭମାନଙ୍କୁ ଦେଇଦେବୁ । କେବଳେ ସେତିକି ନୁହେଁ ବରଂ ଅଲ୍ଲାଃତାଲା କହିଲେ, ହେ ବନି ଇସ୍ରଇଲ୍ ତୁମ୍ଭେମାନେ ଆମ୍ଭର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛ । ତେଣୁ ତୁମ୍ଭମାନଙ୍କୁ ଉକ୍ତ ଦେଶରୁ ବଞ୍ଚିତ କରାଯାଉଛି । ଯାଅ 40 ବର୍ଷ ପର୍ଯ୍ୟନ୍ତ ତୁମ୍ଭେମାନେ ଜଙ୍ଗଲରେ ନିରୁଦ୍ଦେଶ୍ୟମୂଳକ ଭାବରେ ଘୂରି ବୁଲୁଥିବ । ତୁମ୍ଭେମାନେ ଉକ୍ତ ଦେଶର ଅଧିକାରୀ ହୋଇପାରିବ ନାହିଁ । ତୁମ୍ଭମାନଙ୍କର ନୂତନ ବଂଶଧରମାନେ ଏହି ଦେଶର ଅଧିକାରୀ ହେବେ...........କାରଣ ତୁମ୍ଭେମାନେ ଆମ୍ଭର (ଅଲ୍ଲାଃତାଲାଙ୍କର) ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରି । ଅତଏବ୍ ଦେଖ ଏହି କଥା ମନୁଷ୍ୟ ଦୃଷ୍ଟିରୁ ତ' ସଠିକ୍ ଏବଂ ଯୁକ୍ତିଯୁକ୍ତ ବା ବିବେକାନୁମୋଦିତ ବୋଲି ବିବେଚିତ ହୋଇପାରିବ । କିନ୍ତୁ ଐଶୀ ସଂପ୍ରଦାୟ ଦୃଷ୍ଟିରୁ ଉକ୍ତ କଥା ଅତ୍ୟନ୍ତ ଅଯୁକ୍ତିଯୁକ୍ତ ବା ଅବିବେକାନୁମୋଦିତ ଅଟେ । ଏହି ପ୍ରକାର କଥା ମନୁଷ୍ୟକୁ ଶାସ୍ତିର ଅଧିକାରୀ କରି ଦେଇଥାଏ । ଏହାର କାରଣ ଏହିକି ଯେ, ଯେତେବେଳେ କୌଣସି ବ୍ୟକ୍ତି ଅଙ୍ଗୀକାର ତଥା ପ୍ରତିଶ୍ରୁତି କରେ ସେତେବେଳେ ଆକାଶୀୟ ପରିବର୍ତ୍ତନ ଏବଂ ଭୂପୃଷ୍ଠୀୟ ପରବର୍ତ୍ତନ ଉପରେ ସେହି ବ୍ୟକ୍ତିର କୌଣସି ନିୟନ୍ତ୍ରଣ ନଥାଏ । ଅର୍ଥାତ୍ ଆକାଶୀୟ ଏବଂ ଭୂପୃଷ୍ଠୀୟ ପରିବର୍ତ୍ତନ ଉପେରେ ବ୍ୟକ୍ତିର କୌଣସି ନିୟନ୍ତ୍ରଣ ନଥାଏ । ସେଇଥି ପାଇଁ ମନୁଷ୍ୟ ଯେତେବେଳେ ପ୍ରତିଶ୍ରୁତି ବା ଅଙ୍ଗୀକାର କରେ ସେତେବେଳେ ଏପରି ବସ୍ତୁ ବା ଜିନିଷର ଅଙ୍ଗୀକାର କରିଥାଏ ଯେଉଁ ବସ୍ତୁ ବା ଜିନିଷ ତା'ର ନିୟନ୍ତ୍ରଣ ତଥା ସାମର୍ଥ୍ୟ ମଧ୍ୟରେ ରହିଥାଏ । କିନ୍ତୁ ଈଶ୍ୱରଙ୍କ ତରଫରୁ ଯେଉଁ ଅଙ୍ଗୀକାର ତାହାର ଅର୍ଥ ଏହା ହେବ ଯେ, ଯଦିଓ ଉକ୍ତ ପ୍ରସଙ୍ଗ ଅର୍ଥାତ୍ ସେହି ଦେଶକୁ ପ୍ରାପ୍ତ କରିବା ତୁମ୍ଭମାନଙ୍କ ପକ୍ଷେ ଅସମ୍ଭବ ଅଟେ । କିନ୍ତୁ ଏହି ଦେଶ ତୁମ୍ଭମାନଙ୍କୁ ଆମ୍ଭ ସାହାଯ୍ୟ ଦ୍ୱାରା ହିଁ ପ୍ରାପ୍ତ ହୋଇଯିବ ।"

ଯେଉଁ ଜାତି ଫିରଔନ୍ ଅଧୀନରେ ବର୍ଷ ବର୍ଷ ଧରି ଦାସ ହୋଇ ରହିଲା, ଯେଉଁ ଜାତି ଫିରଔନ୍ ନିମନ୍ତେ ଇଟା ତିଆରୁ କରୁଥିଲା, ଯେଉଁ ଜାତି ଘୃଣ୍ୟରୁ ଅତି ଘୃଣ୍ୟ କାର୍ଯ୍ୟ କରୁଥିଲା, ସେହି ଜାତି (ବନି ଇସ୍ରାଇଲ୍) ଏତି ବିଶାଳ ଦେଶ ଉପରେ ଯେଉଁ ଦେଶ ଉପରେ ଆଦ୍ ଜାତି ଶାସନ କରୁଥିଲା, ସେହି ଆଦ୍ ଜାତି ଉପରେ ବନି ଇସ୍ରାଇଲ୍ ଜାତି କିପରି ଅଧିକାର କରିପାରି ଥାଆନ୍ତା ? ବନି ଇସ୍ରାଇଲ୍‌କୁ ଏହି ଦେଶ ପ୍ରାପ୍ତ ହୋଇଯିବା ସାଧାରଣ କଥା ନଥିଲା । କିନ୍ତୁ ଈଶ୍ୱର ବନି ଇସ୍ରାଇଲ୍‌କୁ କହିଲେ, ହେ ବନି ଇସ୍ରାଇଲ୍ ! ଏହି ଦେଶ ପ୍ରାପ୍ତ କରିବା ଅର୍ଥାତ ଅକ୍ତିଆର କରିବା ଯଦିଓ ଅସମ୍ଭବ ବୋଲି ମନେ ହେଉଛି, କିନ୍ତୁ ଆମ୍ଭେ ଏହି ପ୍ରତିଶ୍ରୁତି ଦେଉଛୁ ଯେ, ଆମ୍ଭେ ତୁମ୍ଭକୁ ଏହି ଦେଶ ଅବଶ୍ୟ ପ୍ରଦାନ କରିଦେବୁ ଓ ଆମ୍ଭ ସହାୟତା ଦ୍ୱାରା ହିଁ ତୁମ୍ଭେ ଉକ୍ତ ଦେଶକୁ ଅଧିକାର କରିନେବ । ଅତଏବ୍ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ତଥା ଅଙ୍ଗୀକାରର ଏହି ଅର୍ଥ ନୁହେଁ ଯେ, ଅଲ୍ଲାଃତାଲା ଯଦି କୌଣସି ଅଙ୍ଗୀକାର କରି ଦେଇଛନ୍ତି । ତେଣୁ ଭକ୍ତକୁ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ଉଦ୍ୟମ କରିବାର ଆଉ କୌଣସି ଆବଶ୍ୟକତା ନାହିଁ । ବରଂ ଏହାର ଅର୍ଥ ଏହା ହୋଇଥାଏ ଯେ, ତୁମେମାନେ ଯେତେବେଳେ ସେହି ଦେଶକୁ ପ୍ରାପ୍ତ କରିବା ନିମନ୍ତେ ଉପାୟ ଏବଂ ପନ୍ଥା ଅବଲମ୍ବନ କରିବା ସେତେବେଳେ ଅଲ୍ଲାଃତାଲା ତୁମ୍ଭମାନଙ୍କୁ ସାହାଯ୍ୟ କରିବେ ଓ ତୁମ୍ଭେମାନେ ସାଫଲ୍ୟମଣ୍ଡିତ (କୃତକାର୍ଯ୍ୟ) ହୋଇଯିବ । ତେଣୁ ଅଲ୍ଲାଃତାଲାଙ୍କର ଅଙ୍ଗୀକାର ତଥା ପ୍ରତିଶୃତର ପ୍ରକାରଭେଦ ଭିନ୍ନ ଢଙ୍ଗର ହୋଇଥାଏ ଏବଂ ଭକ୍ତମାନଙ୍କର (ଲୋକମାନଙ୍କର) ପ୍ରତିଶୃତିର ଢଙ୍ଗ ସଂପୂର୍ଣ୍ଣ ଭିନ୍ନ ହୋଇଥାଏ । ଈଶ୍ୱରଙ୍କ ପ୍ରତିଶୃତି ଯହିଁରେ ପନ୍ଥା ଅନ୍ତର୍ଭୁକ୍ତ ହୋଇଥାଏ, ବ୍ୟକ୍ତିକୁ ସେହି ପ୍ରତିଶୃତିରେ ହସ୍ତକ୍ଷେପ କରିବାକୁ ପଡ଼ିଥାଏ ଓ ତାହାକୁ ପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ କରିବାକୁ ପଡ଼ିଥାଏ । ଯଦି ବ୍ୟକ୍ତି ସେହି ଅଙ୍ଗୀକାର ତଥା ପ୍ରତିଶୃତିରେ ହସ୍ତକ୍ଷେପ ନକରେ ଓ ତାହାକୁ ପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ ନକରେ ତେବେ ସେପରିପ୍ରେକ୍ଷୀରେ ସେ ଶାସ୍ତି ପ୍ରାପ୍ତ କରିବାର ଅଧିକାରୀ ହେବ । କିନ୍ତୁ ବ୍ୟକ୍ତିର ପ୍ରତିଶୃତିରେ ଏପରି ହୋଇ ନଥାଏ। ବ୍ୟକ୍ତି ଏହା କହି ପାରିବ ନାହିଁ ଯେ, ମୁଁ ତୁମ ପାଇଁ ଈଶ୍ୱରଙ୍କର ଭାଗ୍ୟକୁ ମଧ ବଦଳି ଦେବି । କାରଣ ତାହା ବ୍ୟକ୍ତି ହସ୍ତରେ ନଥାଏ । ସେ ଯଦି ଏପରି କୁହେ ତେବେ ଅଲ୍ଲାଃତାଲା କହି ଥାଆନ୍ତି । ଆମେମାନେ ସେହି ବ୍ୟକ୍ତିକୁ ପଚାରିବୁ କି ତୁମେ କିଏ ବା ଭାଗ୍ୟକୁ ବଦଳିଲା ବାଲା ? କିନ୍ତୁ ଈଶ୍ୱର ଏହା କହି ପାରିବେ ଯେ, ଯଦି ତୁମେ ଏପରି କରିବ ମୋର ଆଦାଶାବଳୀ ଅନୁଯାୟୀ ପନ୍ଥା ଓ ଯୋଜନା କରିବ ତେବେ ମୁଁ ତୁମକୁ ସାହାଯ୍ୟ କରିବି ଏବଂ ନିଜର ଭାଗ୍ୟକୁ ମଧ ବଦଳି ଦେବି । କାରଣ ଭାଗ୍ୟ ଏପରି ଏକ ବସ୍ତୁ ଅଟେ ଯାହାକି ତା' ହସ୍ତରେ ରହିଛି ଏବଂ ସେ ଯେତେବେଳେ ଚାହିଁବ ତାହାକୁ ବଦଳେଇ ଦେଇ ପାରିବ । ଆଁହଜରତ ସ.ଅଙ୍କୁ ଯେତେବେଳେ ମକ୍କା ବିଜୟର ପ୍ରତିଶୃତି ଦିଆଗଲା ସେତେବେଳ ମୁସଲମାନମାନଙ୍କୁ ଏହା କୁହାଗଲା ଯେ, ହେ ମୁସଲମାନମାନେ ! ତୁମେମାନେ ହ. ମୁସା ଅ.ସଙ୍କ ଜାତି (ଧର୍ମାବଲମ୍ବୀ)ଙ୍କ ପରି ଏହା ବୁଝିନେବ ନାହିଁ ଯେ, ଈଶ୍ୱର ମକ୍କା ଦେଇ ଦେବାର ଅଙ୍ଗୀକାର କରିଛନ୍ତି , ତେଣୁ ସେ ନିଜେ ହିଁ ତାହାକୁ (ଅଙ୍ଗୀକାର)କୁ ପୂର୍ଣ୍ଣ କରିବେ । ଆମମାନଙ୍କୁ ଏଥି ନିମନ୍ତେ ଯୋଜନା ଏବଂ ଉପାୟ କରିବାର ଆବଶ୍ୟକତା ନାହିଁ । ବରଂ ତୁମେମାନଙ୍କୁ ମଧ ତାହାଙ୍କ ଅଙ୍ଗୀକାରକୁ ପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ କରିବାକୁ ପଡ଼ିବ ।

ଈଶ୍ୱରଙ୍କ ଅଙ୍ଗୀକାରର ଏହି ଅର୍ଥ ରହିଛି ଯେ, ହେ ମୁସଲମାନମାନେ ! ତୁମେମାନେ ଯଦି ଦୁର୍ବଳ ନହୋଇ ଥାଆନ୍ତ ତେବେ ତୁମେମାନେ କାହିଁକି ମକ୍କା ଛାଡ଼ି ପଳାଇ ଆସିଲ? ମକ୍କା ପରିତ୍ୟାଗ କରିବାର ଏହି ଅର୍ଥ ଥିଲା କି ତୁମେମାନେ ଦୁର୍ବଳ ଅଟ ଏବଂ ତୁମମାନଙ୍କର ଶତ୍ରୁ ଶକ୍ତିଶାଳୀ ଅଟେ । କିନ୍ତୁ ଈଶ୍ୱର ତୁମମାନଙ୍କୁ ଶକ୍ତି ପ୍ରଦାନ କରିବେ ଏବଂ ତୁମେମାନେ ଶତ୍ରୁ ଠାରୁ ମକ୍କା ଛଡ଼ାଇ ଆଣିବ । ଅତଏବ୍ مِنْ حَيْثُ خَرَجْتَ فَوَلِّ وَجْهَكَ شَطْرَ الْمَسْجِدِ الْحَرَامِ ର ଅର୍ଥ ଏହା ହେଲା ଯେ, ତୁମେମାନେ ଯେଉଁଠୁ ବି ବାହାର କିମ୍ବା ତୁମେମାନେ ଯେଉଁ ସ୍ଥାନରୁ ବି ବାହାର ତୁମମାନଙ୍କର ଏହି ଅଭିପ୍ରାୟ ହେବା ଉଚିତ୍ କି ତୁମେମାନେ ମକ୍କା ଜୟ କରିବ । ସେହିପରି ଖୁରୂଜ୍‌ର ଅର୍ଥ.....ସୈନ୍ୟବାହିନୀର ଆକ୍ରମଣ କରିବା ମଧ ହୋଇଥାଏ। ସେହି ସ୍ଥିତିରେ ଉକ୍ତ ଆୟତ୍‌ରେ ଏହି ଅର୍ଥ ହେବ ଯେ, ତୁମେମାନେ ଯେଉଁଠି ଆକ୍ରମଣ କର ଓ ଯେଉଁ ସ୍ଥାନରେ ବି ଯୁଦ୍ଧ କରିବା ନିମନ୍ତେ ଯାଅ ଅର୍ଥାତ୍ ତୁମେମାନେ ପୂର୍ବ ଦିଗ ଆଡ଼କୁ ବାହାର ଅବା ଦକ୍ଷିଣ ଦିଗ ଆଡ଼କୁ ବାହାର, ପଶ୍ଚିମ ଦିଗ ଆଡ଼କୁ ବାହାର ଅବା ଉତ୍ତର ଦିଗ ଆଡ଼କୁ ବାହାର ତୁମମାନଙ୍କର ଏହି ଏଭିପ୍ରାୟ ହେବା ଉଚିତ୍ କି ତୁମେମାନଙ୍କର ଏହି ପ୍ରସ୍ଥାନ ମକ୍କା ବିଜୟ ଉପରେ ହିଁ ଆଧାରିତ ହେବା ଉଚିତ୍। ଉଦାହରଣ ସ୍ୱରୂପ ତୁମେମାନେ ଦକ୍ଷିଣ ଦିଗ ଆଡ଼କୁ ଶତ୍ରୁ ଉପରେ ଆକ୍ରମଣ କରିବାକୁ ଚାହୁଁଛ କିନ୍ତୁ ତୁମମାନଙ୍କୁ ଯଦି ଜ୍ଞାତ ହୋଇଯାଏ ଯେ, ସେହି ଦେଶରେ ପଶ୍ଚିମ ପଟରେ ଶତ୍ରୁ ପକ୍ଷର ମିତ୍ରମାନେ ଉପସ୍ଥିତ ଅଛନ୍ତି । ତଣୁ ସେହି ମିତ୍ରମାନଙ୍କ ସଂପର୍କରେ ମନ ଭିତରେ ସନ୍ଦେହ ରହିଛି ଯେ, ସେମାନେ ପଛପଟୁ ଆକ୍ରମଣ ନକରି ଦିଅନ୍ତୁ ଏବଂ ତୁମେ ପ୍ରଥମେ ପଶ୍ଚିମ ପଟେ ଆକ୍ରମଣ କରି ସେମାନଙ୍କୁ ସଫା କରିଦିଅ (ପରାସ୍ତ କରିଦିଅ) । ଅତଏବ୍ ଏହାର ଅର୍ଥ ଏହି ହେବ ଯେ, ପଶ୍ଚିମ ଦିଗ ଆଡ଼କୁ ଏହି ଆକ୍ରମଣ ବାସ୍ତବରେ ଦକ୍ଷିଣ ଦିଗର ଆକ୍ରମଣର ପୃଷ୍ଠଭୂମି ଅଟେ । ସେହିପରି ଯଦି ସେହି ଜାତିର ମିତ୍ରମାନେ ଉତ୍ତର ଦିଗରେ ଯଦି ବାସ କରନ୍ତି ଏବଂ ତୁମ୍ଭେମାନେ ପ୍ରଥମେ ସେମାନଙ୍କ ଉପରେ ଆକ୍ରମଣ କର ତେବେ ତୁମ୍ଭର ଏହି ଆକ୍ରମଣ ବାସ୍ତବରେ ଦକ୍ଷିଣ ଦିଗରେ ହିଁ ହେବ । କାରଣ ତୁମ୍ଭମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ଦକ୍ଷିଣ ଦିଗରେ ହିଁ ଆକ୍ରଣ କରିବା ଅଟେ ।

ସୁତରାଂ ଏହି ମୂଳାଭିପ୍ରାୟ ଆଡ଼କୁ ଇଙ୍ଗିତ କରି ଅଲ୍ଲାଃତାଲା କୁହନ୍ତି ଯେ, ହେ ମୁସଲମାନମାନେ ! ତୁମ୍ଭେମାନେ କୌଣସି ଜାତି, କୌଣସି ଦେଶ ଏବଂ କୌଣସି ଅଞ୍ଚଳ ଉପରେ ଆକ୍ରମଣ ଯେତେବେଳେ କର ସେତେବେଳେ ତୁମ୍ଭମାନଙ୍କର ମୁହଁ ମକ୍କା ଆଡ଼କୁ ହେବା ଉଚିତ୍ । କାରଣ ଅଲ୍ଲାଃତାଲା ଖାନା କାଆବାକୁ ତୁମ୍ଭମାନଙ୍କର ହସ୍ତ ଦ୍ୱାରା ହିଁ ଜୟ କରିବାକୁ ଚାହାନ୍ତି । ତେଣୁ ଆମେମାନେ ଯେତେବେଳେ ଆଁହଜରତ ସ.ଅଙ୍କ ଯୁଦ୍ଧ ଉପରେ ଦୃଷ୍ଟିପାତ କରୁ ସେତେବେଳେ ଆମମାନଙ୍କୁ ଏହା ଜ୍ଞାତ ହୋଇଥାଏ ଯେ, ସେହି ସମସ୍ତ ଯୁଦ୍ଧରେ ମକ୍କା ବିଜୟ ସ୍ୱଷ୍ଟ ରୂପେ ଦେଖିବାକୁ ମିଳିଥାଏ । ଆଁହଜରତ ସ.ଅଙ୍କ ସମସ୍ତ ଯୁଦ୍ଧର ଅଭିପ୍ରାୟ ମକ୍କା ବିଜୟ ହିଁ ଥିଲା । ଯେଉଁ ଯୁଦ୍ଧରେ ଆଁହଜରତ ସ.ଅଙ୍କ ଏହି ଅଭିପ୍ରୟ ଉହ୍ୟ ହୋଇଯାଉଥିବାର ଅବଲୋକନ କରୁଥିଲେ କିମ୍ବା ଯେଉଁ ଜାତି ସଂକ୍ରାନ୍ତରେ ଆପଣ ସ.ଅ ଏହା ଅନୁଭବ କରୁଥିଲେ ଯେ, ସେହି ଜାତି ସହିତ ଯୁଦ୍ଧ କରିବା ଦ୍ୱାରା ମକ୍କା ବିଜୟ ବିଳମ୍ବିତ ହୋଇଯିବ ସେଠାରେ ଆପଣ ସ.ଅଙ୍କୁ ଶତ୍ରୁ ଯେତେ ଉସ୍କାଉଥିଲା ପଛେ, କିନ୍ତୁ ଆପଣ ସ.ଅ ଅଣଦେଖା ପନ୍ଥା ଅବଲମ୍ବନ କରୁଥିଲେ । ସୁତରାଂ ଅନେକ ଜାତି ଆଁହଜରତ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଛିଡ଼ାହେଲେ ଏବଂ ଯେଉଁ ଜାତି ସହିତ ଯୁଦ୍ଧ କରିବା ଦ୍ୱାରା ମକ୍କା ବିଜୟ ଶୀଘ୍ର ହୋଇଯିବ ତେବେ ସେପରିପ୍ରେକ୍ଷୀରେ ଆପଣ ସ.ଅ ସେହି ଜାତି ସହିତ ଅବଶ୍ୟ ଯୁଦ୍ଧ କରିଥିଲେ । ଯଦି ଇସଲାମ୍ ଧର୍ମର ସମସ୍ତ ଯୁଦ୍ଧ ଉପରେ ଦୃଷ୍ଟିପାତ କରାଯାଏ ତେବେ ଏହା ଜ୍ଞାତ ହେବ ଯେ, ତାହା ନିଜ ମଧ୍ୟରେ ଏକ ତାତ୍ତ୍ୱିକପୂର୍ଣ୍ଣ ରହସ୍ୟ ନିହିତ ରଖିଥାଏ । ବିଶେଷ କରି ମକ୍କା ବିଜୟ ପୂର୍ବେ ଯେଭଳି ଯୁଦ୍ଧ ହୋଇଥିଲା ସେହି ସମସ୍ତ ଯୁଦ୍ଧର ଅଭିପ୍ରାୟ କେବଳ ଓ କେବଳ ଏହା ହିଁ ଥିଲା କି ମକ୍କା ବିଜୟର ମାର୍ଗ ପ୍ରଶସ୍ତ ହେଉ (ମକ୍କା ବିଜୟର ବାଟ ଫିଟୁ) । ଅତଏବ୍ ଉକ୍ତ ଆୟତ୍‌ର ଏହି ଅର୍ଥ ହୋଇଥାଆନ୍ତା ଯେ, ତୁମେମାନେ ଯେଉଁଠୁ ବି ବାହାର କିବ୍‌ଲା ଆଡ଼କୁ ନିଜ ମୁହଁ ବୁଲାଅ । ଯେପରିକି ଏହା କୁହାଯାଇଅଛି କି مِنْ حَيْثُ خَرَجْتَ ର ଶବ୍ଦ ଉକ୍ତ ଆୟତ୍‌ରେ ହୋଇ ନଥାଆନ୍ତା । ବରଂ ସେହି ଶବ୍ଦ ପରିବର୍ତ୍ତେ ଏହି ଶବ୍ଦ ହୋଇଥାଆନ୍ତା ଯେ, ତୁମେମାନେ ଯେଉଁଠି ବି ଥାଅ ପଛେ କିନ୍ତୁ ତୁମେମାନେ କିବ୍‌ଲା ଆଡ଼କୁ ନିଜର ମୁହଁ ବୁଲାଅ । କାରଣ ଲୋକମାନେ ଯେତେବେଳେ କୌଣସି ସ୍ଥାନରୁ ପ୍ରସ୍ଥାନ କରନ୍ତି ଅର୍ଥାତ୍ ବାହାରନ୍ତି ସେତେବେଳେ ସେମାନେ ନମାଜ ପାଠ କରନ୍ତି ନାହିଁ । ବରଂ ବାହାରିବା ସମୟରେ ଲୋକମାନେ ଚାଲି ଥାଆନ୍ତି । ତେଣୁ ଉକ୍ତ ଆୟତ୍‌ର ନମାଜ ପାଠ କରିବା ସହିତ କୌଣସି ସଂପର୍କ ନାହିଁ । ବରଂ ଉକ୍ତ ଆୟତ୍‌ର କେବଳ ଏହି ଅର୍ଥ ରହିଛି ଯେ, ତୁମେମାନେ ଯେଉଁଠୁ ବି ବାହାର ଅର୍ଥାତ୍ ତୁମେମାନେ ସେହି ସ୍ଥାନରୁ ବାହାର ଯାହାର ମୁହଁ ପୂର୍ବ ଦିଗ ଆଡ଼କୁ ହୋଇଥିବ, ତୁମେମାନେ ସେହି ସ୍ଥାନରୁ ବାହାର ଯାହାର ମୁହଁ (ସ୍ଥାନ) ପଶ୍ଚିମଦିଗ ଆଡ଼କୁ ହୋଇଥିବ, ତମେମାନେ ସେହି ସ୍ଥାନରୁ ବାହାର ଯାହାର ମୁହଁ ଉତ୍ତର ଦିଗ ଆଡ଼କୁ ହୋଇଥିବ । ତୁମେମାନେ ସେହି ସ୍ଥାନରୁ ବାହାର ଯାହାର ମୁହଁ ଉତ୍ତର ଦିଗ ଆଡ଼କୁ ହୋଇଥିବ । ସେ ଯାହା ହେଉ ତୁମେମାନେ ଯେଉଁ ଦିଗ ଆଡ଼କୁ ମୁହଁ କରିଥାଅ ପଛେ କିନ୍ତୁ ତୁମର ମୁହଁ ମକ୍କା ଆଡ଼କୁ ହୋଇଥିବା ଉଚିତ୍ । ଅର୍ଥାତ୍ ତୁମମାନଙ୍କର ଧ୍ୟାନ ଏବଂ ତୁମାମାନଙ୍କର ଚିନ୍ତାଧାର ଏବଂ ତୁମମାନଙ୍କର ମସ୍ତିଷ୍କ କେବଳ ଉକ୍ତ କଥା ଆଡ଼କୁ ରହିବା ଉଚିତ୍ ଯେ, ତୁମେମାନେ ମକ୍କା ଜୟ କରିବ ଏବଂ ସେଠାରେ ଇସ୍‌ଲାମ୍ ଧର୍ମ ସ୍ଥାପନ କରି ସମଗ୍ର ଆରବ ଦେଶକୁ ଇସ୍‌ଲାମ୍ ଧର୍ମ ଅଧୀନକୁ ଆଣିବ ।

خُرُوْج ର ଅର୍ଥ ଦିଗ ମଧ ହୋଇଥାଏ...........ଅତଏବ୍ ଉକ୍ତ ଶବ୍ଦର ଅର୍ଥ ଏହିକି ଯେ, ହେ ମୁସଲମାନମାନେ ତୁମମାନଙ୍କର ଏହି ଅଭିପ୍ରାୟ ହେବା ଉଚିତ୍ ଯେ, ତୁମେମାନେ ଖାନା କାଆବାକୁ ଜୟ କରି ତାହାକୁ (ଖାନା କାଆବାକୁ) ଇସ୍‌ଲାମ୍ ଧର୍ମର କେନ୍ଦ୍ର ରୂପେ ଗଢିନେବ । କାରଣ ଯେପର୍ଯ୍ୟନ୍ତ ମକ୍କାରେ ଇସ୍‌ଲାମ୍ ଧର୍ମ ପରିବ୍ୟାପ୍ତ ହୋଇଯାଇ ନାହିଁ, ଯେପର୍ଯ୍ୟନ୍ତ ମକ୍କା ମୁସଲମାନମାନଙ୍କ ଅଧୀନ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଅନ୍ୟ ଆରବର ଲୋକମାନେ ମୁସଲମାନ ହୋଇ ପାରିବେ ନାହିଁ । ତେଣୁ ମୁସଲମାନମାନମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିଲା । ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଏହି କାର୍ଯ୍ୟକ୍ରମ ମୁସଲମାନମାନମାନଙ୍କର ସାମର୍ଥ୍ୟ ବହିର୍ଭୂତ ଥିଲା । ନିଃସନ୍ଦେହ ଆରବ୍ୟ ସରକାର କୌଣସି ବୃହତ୍ ସରକାର ନଥିଲା । କିନ୍ତୁ ଆରବ୍ୟ ସରକାର ତୱାଇଫୁଲ୍ ମୁଲୁକ୍ ଅର୍ଥାତ୍ ଅରାଜକତା ମଧ ନଥିଲା । ଆରବ ସରକାରଙ୍କ ସହିତ ନାନା ଦେଶର ସମ୍ରାଟମାନେ ସଂପର୍କ ରଖୁଥିଲେ ଏବଂ ଚୁକ୍ତି ଇତ୍ୟାଦି କରୁଥିଲେ । ସେହିପରି ମକ୍କା ଯଦିଓ ସଂପୂର୍ଣ୍ଣ ରୂପେ ଶୃଙ୍ଖଳିତ ଓ ବ୍ୟବସ୍ଥିତ ନଥିଲା ପଛେ କିନ୍ତୁ ତାହା ଏପରି ଏକ ଦେଶର ରାଜଧାନୀ ଥିଲା ଯାହାର ଜନସଂଖ୍ୟା 15, 20 ଲକ୍ଷ ଥିଲା । ଆଖପାଖରେ ଥିବା ସଂପ୍ରଦାୟର ଦୃଷ୍ଟି ସର୍ବଦା ସେହି ରାଜଧାନୀ ଅର୍ଥାତ୍ ମକ୍କା ଆଡ଼କୁ ହିଁ ପଡୁଥିଲା । ସେହି ସଂପ୍ରଦାୟମାନେ ମକ୍କାର ପାରିତ ନିର୍ଣ୍ଣୟ ଏବଂ ଆଦେଶାବଳୀକୁ ଶିରୋଧାର୍ଯ୍ୟ ରୂପେ ମନେକରୁଥିଲେ । ପୁନଶ୍ଚ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ସେହି କାଳ ଦୃଷ୍ଟିରୁ ମକ୍କା ଆରବର ଏକ ସର୍ବ ବୃହତ୍ ସହର ଥିଲା । ମକ୍କା ସହରର ଜନସଂଖ୍ୟା 15, 16 ହଜାର ଥିଲା । ସେହି ଆରବର 15, 20 ଲକ୍ଷ ଲୋକମାନେ ସମସ୍ତେ ସିପାହୀ ଥିଲେ । ଯୁଦ୍ଧ କଳାରେ ସେମାନେ ନିପୁଣ ଏବଂ ସିଦ୍ଧହସ୍ତ ଥିଲେ। ସେମାନେ ବୀର, ସାହସୀ ଓ ଯୋଦ୍ଧା ଥିଲେ । ତେଣୁ ମୁସଲମାନମାନଙ୍କ ନିମନ୍ତେ ଏହି ସୈନ୍ୟବାହିନୀର ମୁକାବିଲା କରିବା କୌଣସି ସହଜ କଥା ନଥିଲା । ସୁତରାଂ ରସୁଲ୍ କରୀମ୍ ସ.ଅଙ୍କ ଉପରେ ଯେତେବେଳେ ଏହି ଆୟତ୍ ଅବତୀର୍ଣ୍ଣ ହେଲା ସେତେବେଳେ ମୁସଲମାନମାନଙ୍କ ପାଖରେ ମାତ୍ର 400, 500 ସିପାହୀ ଥିଲେ । ଅତିବେଶୀରେ 1000 ମହିଳା ଓ ପିଲାମାନଙ୍କୁ ମିଶାଇ ସେମାନଙ୍କର ମୋଟ୍ ସୈନ୍ୟ ସଂଖ୍ୟା 11000, 12000 ହୋଇଥିବ । ଏହାଠୁ ବେଶୀ ମୁସଲମାନମାନଙ୍କର ସଂଖ୍ୟା ନଥିଲା । ମୁସଲମାନମାନଙ୍କର ଯୁଦ୍ଧ ଶକ୍ତି ଅବର୍ଣ୍ଣନନୀୟ ଥିଲା । କିନ୍ତୁ ଏଭଳି ପରିସ୍ଥିତିରେ ମୁସଲମାନମାନେ ଯେତେବେଳେ ଏତେ ଦୁର୍ବଳ ଥିଲେ, ଯେତେବେଳେ ମୁସଲମାନମାନଙ୍କର ସଂଖ୍ୟା ଅବିଶ୍ୱାସକାରୀମାନଙ୍କ ତୁଳନାରେ ନଗଣ୍ୟ ଥିଲା, ସେହି ମସୁଲମାନମାନଙ୍କ ପାଖରେ ଶତ୍ରୁ ସହିତ ଲଢିବା ନିମନ୍ତେ କୌଣସି ଯୁଦ୍ଧାସ୍ତ୍ର ନଥିଲା । ଅତଏବ୍ ଯଦି ମୁସଲମାନମାନେ ଅବିଶ୍ୱାସକାରୀମାନଙ୍କ ତୁଳାରେ କୌଣସି ବାସ୍ତବତା ନଥିଲା, ଅଲ୍ଲାଃତାଲା ସମସ୍ତ ଅବିଶ୍ୱାସକାରୀମାନଙ୍କୁ ଚ୍ୟାଲେଞ୍ଜ୍ ଦେଇ କୁହନ୍ତି ଯେ, "ହେ ଅବିଶ୍ୱାସକାରୀମାନେ ଏହି ମୁସଲମାନମାନେ ଯଦିଓ ତୁମ୍ଭମାନଙ୍କୁ ସ୍ୱଳ୍ପ ଦୃଶ୍ୟମାନ ହେଉଛନ୍ତି, ତୁମ୍ଭମାନଙ୍କୁ ଦୁର୍ବଳ ଏବଂ ଶକ୍ତିହୀନ ବୋଲି ଦୃଶ୍ୟମାନେ ହେଉଛନ୍ତି କିନ୍ତୁ ଦିନ ଆସିବ ଏହି ମୁସଲମାନମାନେ ତୁମ୍ଭମାନଙ୍କର ଦେଶକୁ ଜୟ କରିନେବେ, ତୁମ୍ଭମାନଙ୍କର ରାଜଧାନୀ ଉପରେ ଅଧିକାର କରିନେବେ । ସେହି ରାଜଧାନୀରେ ମୁସଲମାନମାନଙ୍କୁ ଏପରି ବଜିୟ ପ୍ରାପ୍ତ ହେବ ଯେ, ଏହି ମୁସଲମାନମାନେ ସେଠାରେ ଆଦେଶ (ଆଇନ୍) ପ୍ରଣୟନ କରିବେ ଓ ଏହି ମୁସଲମାନମାନେ ଅବିଶ୍ୱାସକାରୀତାକୁ ଆରବ ଭୂମିରୁ ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିଦେବେ । ଉକ୍ତ ଦାବିଟି ମୁସଲମାନମାନଙ୍କର ଅବସ୍ଥା ଦୃଷ୍ଟିରୁ ଏକ ପାଗାଳାମୀମୂଳକ ଦାବି ଥିଲା । ପୁନଶ୍ଚ ଏହି ଦାବିଟି ଏପରି ଦାବି ଥିଲା ଯାହା କୌଣସି ବିଶେଷ ଅଞ୍ଚଳ ସହିତ ବିଶେଷିତ ନଥିଲା । ବରଂ ଉକ୍ତ ଦାବିର ବ୍ୟାପକରୁ ଅତି ବ୍ୟାପକ ପ୍ରଭାବ ଥିଲା । କାରଣ ଉକ୍ତ ଆୟତ୍‌ରେ କେବଳ ମକ୍କା ଜୟର ଭବିଷ୍ୟବାଣୀ କରାଯାଇ ନଥିଲା, ଉକ୍ତ ଆୟତ୍‌ରେ କେବଳ ଆରବ ଦେଶ ଉପରେ ଅଧିକାର କରିନେବାର ଘୋଷଣା କରାଯାଇ ନଥିଲା । ବରଂ ଖ୍ରୀଷ୍ଟ ଧର୍ମକୁ ମଧ୍ୟ ଚ୍ୟାଲେଞ୍ଜ ଦିଆଯାଇଥିଲା । ଉକ୍ତ ଆୟତରେ ଇହୁଦୀମାନଙ୍କୁ ମଧ୍ୟ ଚ୍ୟାଲେଞ୍ଜ ଦିଆଯାଇଥିଲା, ଅଗ୍ନିପୂଜକମାନଙ୍କୁ ମଧ୍ୟ ଚ୍ୟାଲେଞ୍ଜ ଦିଆଯାଇଥିଲା। ସେହିପରି ଉକ୍ତ ଆୟତରେ ଏହି ଘୋଷଣା ମଧ୍ୟ କାରଯାଇଥିଲା ଯେ, ସେହି ସମସ୍ତ ଧର୍ମମାନଙ୍କୁ ପରାସ୍ତ କରି ଇସ୍‌ଲାମ୍ ଧର୍ମ ସମଗ୍ର ସଂସାରରେ ବିଜୟ ପ୍ରାପ୍ତ କରିନେବେ । ଏହି ଦାବିଟି କେବଳ ପାଗାଳାମୀମୂଳକ ଦାବି ନଥିଲା। ସେହି କାରଣରୁ ଅବିଶ୍ୱାସକାରୀମାନେ ରସୁଲ୍ କରୀମ୍ ସ.ଅଙ୍କୁ **ନାଉଜୁବିଲ୍ଲାଃ** ପାଗଳ ବୋଲି କହୁଥିଲେ ଏବଂ ସାହାବାମାନେଙ୍କୁ ମଧ୍ୟ ସେମାନେ ପାଗଳ ବୋଲି ମନେକରୁଥିଲେ। କାରଣ ମୁସଲମାନମାନେ ଏପରି ଏକ ଦାବି ଉପସ୍ଥାପିତ କରୁଥିଲେ ଯେଉଁ ଦାବି ପୂର୍ଣ୍ଣ ହେବାର ବସ୍ତୁବାଦୀ ସଂସାରରେ କୌଣସି କାରକ ଏବଂ ସାଧନ ଦୃଶ୍ୟମାନ ହେଉ ନଥିଲା । କିନ୍ତୁ ବାସ୍ତବତା ଏହିକି ଯେ, ଯେପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ଅସାଧାରଣ କାର୍ଯ୍ୟ ସକାଶେ ସେହି ଅବସ୍ଥା ସୃଷ୍ଟି ହୋଇଯାଇ ନାହିଁ ସେହି ଅବସ୍ଥାକୁ ଔଷଧ ଶାସ୍ତ୍ରରେ ମାନୋମେନିୟା [Monomania] କୁହାଯାଇଥାଏ । ଅର୍ଥାତ୍ କେବଳ ଓ କେବଳ ଗୋଟିଏ ବସ୍ତୁ ଆଡ଼କୁ ହିଁ ଧ୍ୟାନ ଦେବା । ଯେପର୍ଯ୍ୟନ୍ତ ବ୍ୟକ୍ତି ଅନ୍ୟ ସମସ୍ତ ଅବସ୍ଥାକୁ ପାସୋରି ଦେଇ ନାହିଁ, ଯେପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ସର୍ବଦା ଏବଂ ବ୍ୟଗ୍ରତା ଓ ଉତ୍କଣ୍ଠା ଦେଖିବାକୁ ମିଳି ନାହିଁ, ଯେପର୍ଯ୍ୟନ୍ତ ଅସାଧାରଣ କାର୍ଯ୍ୟ ସକାଶେ ବ୍ୟକ୍ତି ମଧ୍ୟରେ ପାଗଳଙ୍କ ପରି ଉତ୍ସାହ ସୃଷ୍ଟି ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେହି କାର୍ଯ୍ୟରେ କେବେ ବି ସଫଳତା ପ୍ରାପ୍ତ ହୋଇପାରିବ ନାହିଁ । ଏହି ଆଡ଼କୁ ପବିତ୍ର କୁରଆନ୍ କରୀମ ଉକ୍ତ ଆୟତ୍‌ରେ ଧ୍ୟାନ ଆକର୍ଷଣ କରିଛି ଯେ, ହେ ମୁସଲମାନମାନେ ! ତୁମ୍ଭେମାନେ ସମସ୍ତ ଅଭିପ୍ରାୟକୁ ଭୁଲିଯାଅ ଏବଂ କେବଳ ଏହି ଅଭିପ୍ରାୟକୁ ନିଜ ସମ୍ମୁଖରେ ରଖ କି ଆମେମାନେ ମକ୍କାକୁ ଇସ୍‌ଲାମ୍ ଧର୍ମ ନିମନ୍ତେ ଜୟ କରିବୁ । ଯେପର୍ଯ୍ୟନ୍ତ ଏହି ମକ୍କା ଏବଂ ଖାନା କାଆବା ତୁମ୍ଭମାନଙ୍କୁ (ମୁସଲମାନମାନଙ୍କୁ) ପ୍ରାପ୍ତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମ୍ଭମାନଙ୍କୁ ସମଗ୍ର ଆରବ ଏବଂ ସମଗ୍ର ସଂସାର ଉପରେ ବିଜୟ ପ୍ରାପ୍ତ ହୋଇପାରିବ ନାହିଁ ।"

ଏଠାରେ ଏହି ପ୍ରଶ୍ନ ଉତ୍ଥାପିତ (ଉଠେ) ହୋଇପାରିବ ଯେ, ଅଲ୍ଲାଃତାଲା ଏପରି କାହିଁକି କହିଲେ ଯେ, ତୁମେମାନେ ଯେଉଁ ସ୍ଥାନରୁ ବି ବାହାର ନିଜର ଧ୍ୟାନ ମସ୍‌ଜିଦେ ହରାମ୍ ଆଡ଼କୁ ରଖ । ଅଲ୍ଲାଃତାଲା ଏପରି କାହିଁକି କହିଲେ ନାହିଁ, ଯେ, ତୁମେମାନେ ଯେଉଁ ପଟୁ ମଧ୍ୟ ଆକ୍ରମଣ କର ସେତେବେଳେ ଧ୍ୟାନ କିନ୍ତୁ ମସ୍‌ଜିଦେ ହରାମ୍ ଆଡ଼କୁ ହିଁ ରଖ ? ଉକ୍ତ ପ୍ରଶ୍ନର ଉତ୍ତର ଏହିକି ଯେ, ପ୍ରସ୍ଥାନର ଅର୍ଥାତ୍ ବାହାରିବା ସମୟରେ ହିଁ ଏହା ନିର୍ଣ୍ଣୟ କରାଯାଇଥାଏ ଯେ, ଆମ୍ଭର ଏହି ଆକ୍ରମଣରୁ କ'ଣ ଅଭିପ୍ରାୟ ଅଟେ? ଏପରି ହୋଇ ନଥାଏ ଯେ, ମନୁଷ୍ୟ ଆଗ ଯୁଦ୍ଧ ଆରମ୍ଭ କରିଦେବ ଓ ତା'ପରେ ଯାଇ ଯୁଦ୍ଧର ଅଭିପ୍ରାୟ ସଂପର୍କରେ ବିଚାର କରିବ । ତେଣୁ ଏଠାରେ ମକ୍କା ବିଜୟର ଅଭିପ୍ରାୟକୁ ସମ୍ମୁଖରେ ରଖିବା ନିମନ୍ତେ ଧ୍ୟାନ ଆକର୍ଷଣ କରିବା ପ୍ରୟୋଜନୀୟ ଥିଲା। ସେଇଥି ପାଇଁ ଅଲ୍ଲାଃତାଲା କହିଲେ, ତୁମେମାନେ ବାହାରିବା ସମୟରେ ଦେଖିନିଅ ଯେ, ତୁମ୍ଭମାନଙ୍କର ଉକ୍ତ ଯୁଦ୍ଧର ପ୍ରଭାବ ମକ୍କା ଉପରେ କ'ଣ ପଡ଼ିବ ? ସେହି ଯୁଦ୍ଧ ଯଦି ମକ୍କା ବିଜୟରେ ସହାୟକ ନହୁଏ ତେବେ ତାହାକୁ ପରିତ୍ୟାଗ କରିଦିଅ । ଅର୍ଥାତ୍ ସେହି ଯୁଦ୍ଧ କର ନାହିଁ । କିନ୍ତୁ ତହିଁରୁ ଏହା ବୁଝିବା ଅନୁଚିତ୍ ଯେ, ଇସ୍‌ଲାମ୍ ଧର୍ମ ନିଜର ଅନୁଗାମୀମାନଙ୍କୁ ବୀରତ୍ୱମୂଳକ ଯୁଦ୍ଧ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥାଏ କାରଣ ଇତିହାସରୁ ଏହା ପ୍ରମାଣିତ ଯେ, ଏହି ଆୟତ୍‌ଗୁଡ଼ିକର ଅବତୀର୍ଣ୍ଣ ହେବା ପୂର୍ବରୁ ହିଁ ମୁସଲମାନମାନଙ୍କର ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ ଆରମ୍ଭ ହୋଇ ସାରିଥିଲା । ଉକ୍ତ କଥା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, مِنۡ حَیۡثُ خَرَجۡتَ ରେ କେବଳ ଆଁହଜରତ ସ.ଅଙ୍କୁ ହିଁ ସମ୍ବୋଧନ କରାଯାଇଛି ଏବଂ ଏହାର କାରଣ ଏହିକି ଯେ, ରସୁଲ୍ କରୀମ୍ ସ.ଅଙ୍କ ପରେ ଏହି ପ୍ରକାରର ମକ୍କା ବିଜୟର ଆବଶ୍ୟକତା ପଡ଼ି ନଥାଆନ୍ତା । କାରଣ ଆପଣ ସ.ଅଙ୍କ ପରେ ମକ୍କା ଉପରେ କୌଣସି ଆକ୍ରମଣ ହୋଇ ନଥାଆନ୍ତା । ବରଂ ସେ ସଂପୂର୍ଣ୍ଣ ରୂପେ ମୁସଲମାନମାନଙ୍କ ଅକ୍ତିଆରରେ ହିଁ ରହିଥାଆନ୍ତା । ତହିଁରେ ଭବିଷ୍ୟତ ନିମନ୍ତେ ଏହି ଭବିଷ୍ୟବାଣୀ କରିଦିଆଗଲା କି ମକ୍କା ଭୂମିକୁ ଆଉ ପୁନଃ ଶାରୀରୀକ ରୂପେ ଜୟ କରାଯାଇ ପାରିବ ନାହିଁ । ମକ୍କା ଆଉ ଶାରୀରୀକ ରୂପେ ବିଜୟ ହେବ ନାହିଁ । କାରଣ ମକ୍କା ଭୂମିର ମର୍ଯ୍ୟାଦାକୁ ସ୍ଥାପନ କରିବା ନିମନ୍ତେ ଏକ ସକ୍ରିୟ ଜମାଅତ୍ ସୃଷ୍ଟି କରିଦିଆଯିବ ଏବଂ ମକ୍କା ସର୍ବଦା ମୁସଲମାନମାନଙ୍କ ଆୟତ୍ତରେ ହିଁ ରହିବ ।

**(ତଫ୍‌ସିର୍ କବିର, ଭାଗ-3. ପୃ-11-18, ସଂସ୍କାରଣ ବର୍ଷ-2022)**

ହୁଜୁର ଅନ୍‌ୱର୍ ଅ.ବ କହିଲ, ଏହି ବ୍ୟାଖ୍ୟା ଏବଂ ପ୍ରାକ୍‌କଥନ ଏଇଥି ପାଇଁ ଜରୁରୀର ଥିଲା କି ଆସନ୍ତା ଖୁତ୍‌ବାମାନଙ୍କରେ ମକ୍କା ବିଜୟର ଯେଉଁ ଘଟଣାବଳୀର ଚର୍ଚ୍ଚା ହେବ ତହିଁରେ ମଧ୍ୟ ଉକ୍ତ ପୃଷ୍ଠଭୂମିକୁ ବୁଝିବା ନିମନ୍ତେ ସହଜ ହେବ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟର ଅବିଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଜଣେ ଶହୀଦ୍‌ଙ୍କ ବିଷୟରେ ଚର୍ଚ୍ଚା କରିବି ଏବଂ ନମାଜ ଜୁମା ପରେ ଏହି ମୃତକ ଶହୀଦ୍‌ଙ୍କର ନମାଜ୍ ଯନାଜାଃ ଗାଏବ୍ ପାଠ କରିବି । ସେହି ମୃତକ ଶହୀଦ୍ ହେଲେ ମୁବଶ୍ଶିର ଅହମଦ ଦେହେଲ୍‌ୱୀଙ୍କର ସୁପୁତ୍ର ସ୍ୱର୍ଗତ ଡାକ୍ତର ଶେଖ୍ ମୁହମ୍ମଦ ମହମୁଦ୍ ସାହେବ । ଆପଣ ସର୍ଗୋଧାର ଅଧିବାସୀ ଥିଲେ । ତାଙ୍କୁ ଅହମଦିୟ ଶତ୍ରୁମାନେ ମେ ମାସ 16 ତାରିଖ ଦିନ ଗୁଳି କରି ଶହୀଦ୍ କରି ଦେଇଥିଲେ । اِنَّا لِلّٰہِ وَاِنَّاۤ اِلَیۡہِ رٰجِعُوۡنَ । ପ୍ରାପ୍ତ ବିବରଣୀରେ ଉଲ୍ଲେଖ ରହିଛି ଯେ, ଘଟଣା ଦିନ ଡାକ୍ତର ସାହେବ ନମାଜ୍ ଜୁମା ପାଠ କରି ସାରିବା ପରେ ନିଜର ସପରିବାରେ ସର୍ଗୋଧା ସ୍ଥିତ ଫାତିମା ହସ୍ପିଟାଲ୍ ଠାରେ ଯେଉଁଠି ଆପଣ ଅଭ୍ୟାସ କୁରଥିଲେ ସେଠାରେ ଆପଣ ପହଞ୍ଚିଥିଲେ । ହସ୍ପିଟାଲରେ ପ୍ରବେଶ କରି ଆପଣ ମୁଖ୍ୟ ଦ୍ୱାର ଦେଇ ଅତିକ୍ରମ କରି ଜରୁରୀକାଳୀନ ସମ୍ମୁଖରେ ଥିବା କରିଡ଼ର ପାଖରେ ପହଞ୍ଚି ନିଜ ରୁମ୍‌କୁ ଯାଉଥିଲେ କି ଠିକ୍ ସେତିକିବେଳେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଜଣେ ଅଜ୍ଞାତ ଦୁର୍ବୃତ୍ତ ବ୍ୟକ୍ତି ଆପଣଙ୍କ ପଛେ ପଛେ ଆସିଲା । ସେହି ଅଜ୍ଞାତ ଦୁର୍ବୃତ୍ତ ବ୍ୟକ୍ତି ଜଣକ ନିଜର ଶପିଂ ବ୍ୟାଗରୁ ପିସ୍ତଲ୍ (ବନ୍ଧୁକ) ବାହାର କରି ଡାକ୍ତର ସାହେବଙ୍କ ପିଠି ପଛରେ ଫାୟାରିଂ (ଗୁଳି କରିଦେଲା) କରିଦେଲା । ଡାକ୍ତର ସାହେବଙ୍କୁ ଦୁଇଟି ଗୁଳି ବାଜିଲା ଏବଂ ଗୁଳି ଶରୀର ଭେଦ କରି ଅନ୍ୟ ପଟକୁ ବାହାରି ଯାଇଥିଲା । ଡାକ୍ତର ସାହେବଙ୍କୁ ତୁରନ୍ତ ସିଭିଲ୍ ହସ୍ପିଟାଲ୍‌କୁ ନିଆଯାଇଥିଲା। କିନ୍ତୁ ଗଭୀର ଆଘାତ ଏବଂ ଯନ୍ତ୍ରଣାକୁ ସହ୍ୟ ନକରିପାରି ଡାକ୍ତର ସାହେବ ଶହୀଦ୍ ହୋଇଗଲେ । اِنَّا لِلّٰہِ وَاِنَّاۤ اِلَیۡہِ رٰجِعُوۡنَ । ଘଟଣା ଘଟାଇବ ପାରେ ଦୁର୍ବୃତ୍ତ ଆକ୍ରମଣକାରୀ ଜଣକ ବନ୍ଧୁକ ଦେଖାଇ ଗୁଳି ଚଳାଇ ହସ୍ପିଟାଲ୍ ବାହାରେ ଛିଡ଼ା ହୋଇଥିବା ନିଜର ସାଥି ସହିତ ମୋଟର ସାଇକେଲ୍ ଯୋଗେ ଫେରାର ହୋଇ ଯାଇଥିଲା । ଶାହାଦତ୍ ସମୟରେ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସ୍ୱର୍ଗତ ଡାକ୍ତର ମୁହମ୍ମଦ ମହମୁଦ୍ ସାହେବଙ୍କୁ 59 ବର୍ଷ ବୟସ ହୋଇଥିଲା। ଶହୀଦଙ୍କ ବଂଶରେ ଅହମଦିୟତ୍ ତାଙ୍କର ଦଦାଙ୍କ ଦଦା ଶ୍ରୀଯୁକ୍ତ ବାବୁ ଏଜାଜ୍ ହୁସେନ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଶ୍ରୀଯୁକ୍ତ ବାବୁ ଏଜାଜ୍ ହୁସେନ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କର ବୈଅତ୍ କରି ଅହମଦିୟତ୍‌ରେ ସାମିଲ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ପରବର୍ତ୍ତୀ ସମୟରେ ଶହୀଦ୍ ସ୍ୱର୍ଗତଙ୍କ ଦଦାଙ୍କ ଦଦା ଶ୍ରୀଯୁକ୍ତ ବାବୁ ଏଜାୟ୍ ହୁସେନ୍ ସାହେବ ଦେହେଲ୍‌ୱୀ ନିଜ ଭାଇଙ୍କ ମାଧ୍ୟମରେ ବୈଅତ୍ କରି ନେଇଥିଲେ। ସ୍ୱର୍ଗତ ଶହୀଦ୍ ଡାକ୍ତର ସାହେବଙ୍କର ଦଦାଙ୍କ ଦଦା ବାବୁ ଏଜାୟ୍ ହୁସେନ୍ ସାହେବ ଓ ଦଦା ଶ୍ରୀଯୁକ୍ତ ନଜୀର୍ ଅହମଦ୍ ସାହେବ ଦୁହେଁ ଗୋଟିଏ ପରେ ଗୋଟିଏ ଦିଲ୍ଲୀର ଅମୀର୍ ଜମାଅତ୍ ଭାବରେ ଦାୟିତ୍ୱ ତୁଲାଇଥିଲେଲ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଶହୀଦ୍ ଡାକ୍ତର ମୁହମ୍ମଦ ମହମୁଦ୍ ହୁସେନ୍ ସାହେବ ଏଫ.ଏସ.ସି କଲେଜ୍ ଲାହୋରରୁ ଏଫ.ଏସ.ସି କରିଥିଲେ । ପୁନଶ୍ଚ ରାୱଲ୍‌ପିଣ୍ଡି କଲେଜ୍‌ରେ ଆପଣ ନାମ ଲେଖାଇଥିଲେ ଓ ସେଠାରେ 1990 ମସିହାରେ ଏମ୍.ବି.ବି.ଏସ୍ ପରେ ପଞ୍ଜାବ ପବ୍ଲିକ୍ ସର୍ଭିସ କମିଶନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଓ ପରେ ଚାକିରୀ କରିଥିଲେ । 1998 ମସିହାରେ ସ୍ୱର୍ଗତଙ୍କୁ ଏଠାରୁ ଅର୍ଥାତ୍ ଲଣ୍ଡନରୁ ରୟାଲ୍ କଲେଜ୍ ଅଫ ଫିଜିଶିଓ ୟୁ.କେର ସଭ୍ୟ ପଦ ପ୍ରାପ୍ତ ହୋଇଥିଲା ଏବଂ 2021 ମସିହାରେ ଆପଣଙ୍କୁ ଫେଲୋଶିପ୍‌ର ସମ୍ମାନ ମଧ୍ୟ ପ୍ରାପ୍ତ ହେଲା । ସ୍ୱର୍ଗତ ଶହୀଦ୍ ମହୋଦୟ 2001 ମସିହାରେ ସର୍ଗୋଧାକୁ ସ୍ଥାନାନ୍ତରିତ ହୋଇଥିଲେ । ସର୍ଗୋଧାକୁ ସ୍ଥାନାନ୍ତରିତ ହେବାର ପ୍ରକୃତ ଉଦ୍ଦେଶ୍ୟ ଥିଲା ମାନବ ସେବା, ଏହି ପକ୍ଷ ସ୍ୱଷ୍ଟ ରୂପେ ବିଦ୍ୟମାନ ରହିଥିଲା । ଆପଣ ସର୍ଗୋଧା ଜିଲ୍ଲାର ପ୍ରଥମ ଯକୃତ (ଲିଭର୍) ଏବଂ ଉଦର (ପେଟ) ରୋଗ ବିଶେଷଜ୍ଞ ଥିଲେ । ଆପଣ ସର୍ଗୋଧା ସ୍ଥିତ ଏକ ବେସରକାରୀ ହସ୍ପିଟାଲ୍ ଜଏନ୍ କରି ନେଇଥିଲେ । ସେହି ହସ୍ପିଟାଲ୍‌ର ମାଲିକ ସହିତ ଡାକ୍ତର ସାହେବଙ୍କ ସୁସଂପର୍କ ରହିଥିଲା । କିନ୍ତୁ ସେହି ମାଲିକର ରାଜନୈତିକ ବ୍ୟାକ୍ ଗ୍ରାଉଣ୍ଡ (ପୃଷ୍ଠଭୂମି) ରହିଥିଲା । 2018 ମସିହାରେ ଜାତୀୟ ସଂସଦ ନିର୍ବାଚନରେ ସେହି ମାଲିକ ଜଣକ ଭାଗ ନେଇ ଥାଆନ୍ତା । ସେହି ମାଲିକ ଜଣକ ଜଣେ ରାଜନୈତିକ ବ୍ୟକ୍ତି ଥିଲା । ସେହି ମାଲିକକୁ ମୌଲବୀମାନେ ଧମକ ଦେଇଥିଲେ ଯେ, ଆମେମାନେ ଏହା କରିଦେବୁ ଓ ତାହା କରିଦେବୁ । ତେଣୁ ସେହି ମାଲିକ ଜଣକ ଡାକ୍ତର ସାହେବଙ୍କୁ କହିଲା କି ମହୋଦୟ ମୋତେ ମୌଲବୀମାନେ ଏପିର କହୁଛନ୍ତି ସେପରି କହୁଛନ୍ତି (ଧମକ ଦେଉଛନ୍ତି) । ତେଣୁ ମୁଁ ଆପଣଙ୍କୁ ଅନୁରୋଧ କୁରଛି କି ଆପଣ ଆମ ହସ୍ପିଟାଲ ଛାଡ଼ି ଦିଅନ୍ତୁ । କାରଣ ମୁଁ ଏପରି କରିବାକୁ ବାଧ୍ୟ ଅଟେ । ବର୍ତ୍ତମାନ ଆପଣ ମୋ ସହିତ ଆଉ କାମ କରିପାରିବେ ନାହିଁ । ସେ ଯାହା ହେଉ ଡାକ୍ତର ସାହେବ୍ ସେଠାରୁ ଚାକିରୀ ଛାଡ଼ିଦେଲେ । ପୁନଶ୍ଚ ଆପଣ ଦ୍ୱିତୀୟ ହସ୍ପିଟାଲ୍ ଜଏନ୍ କରିନେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, 2001 ମସିହାରେ ଯେତେବେଳେ ଶହୀଦ୍ ସ୍ୱର୍ଗତ ଡାକ୍ତର ସାହେବ ସର୍ଗୋଧା ସ୍ଥାନାନ୍ତରିତ ହେଲେ ସେତେବେଳେ ଆପଣ ନିୟମିତ ରୂପେ ରବ୍‌ୱା ସ୍ଥିତ ଫଜ୍‌ଲେ ଉମର୍ ହସ୍ପିଟାଲ୍‌କୁ ମଧ୍ୟ ଭିଜିଟିଂ ଡାକ୍ତର (ଅତିଥି ଡାକ୍ତର) ରୂପେ ସମୟ ଦେଉଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ହାତରେ ଖୁବ୍ ରୋଗୀ ଆରୋଗ୍ୟକାରୀ ଗୁଣ ନିହିତ ରଖିଥିଲେ । ଅସଂଖ୍ୟା ରୋଗୀମାନେ ସ୍ୱର୍ଗତ ଶହୀଦ୍‌ଙ୍କ ହସ୍ତରୁ ଉପକୃତ ହେଉଥିଲେ । ସାଂସାରିକ ଜ୍ଞାନ ବ୍ୟତୀତ ଧାର୍ମିକ ଜ୍ଞାନ ମଧ୍ୟ ଆପଣଙ୍କର ବେଶ୍ ଅଧିକ ରହିଥିଲା । ପବିତ୍ର କୁରଆନ୍ କରୀମ୍‌ର ବ୍ୟାଖ୍ୟା, ତଜ୍‌କିରାହ୍, ରୁହାନୀ ଖଜାଏନ୍ ସମେତ ଅନ୍ୟାନ୍ୟା ଜମାଅତୀୟ ପୁସ୍ତକ ଏବଂ ବିବାଦୀୟ ବିଷୟ ଉପରେ ଆଧାରିତ ପୁସ୍ତକମାନଙ୍କର ଗଭୀର ଅଧ୍ୟୟନ କରିଥିଲେ । ଶହୀଦ୍ ସ୍ୱର୍ଗତଙ୍କୁ ସର୍ଗୋଧା ଜିଲ୍ଲାର ନାଏବ୍ ଅମୀର ଭାବରେ ମଧ୍ୟ ଦାୟିତ୍ୱ ତୁଲାଇବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ମେଡ଼ିକାଲା ଆଶୋସିଏଶନ୍ ସ୍ଥାପନ ହେବା ପରେ ଆପଣ ଆଶୋସିଶନ୍‌ର ସଦସ୍ୟ ଥିଲେ । 2024 ମସିହାରେ ଆପଣ ନାଏବ୍ ସଦର୍ ଆଶୋସିଏଶନ୍ ରୂପେ ନିଯୁକ୍ତ ହୋଇଥିଲେ ଏବଂ ସର୍ଗୋଧା ଚ୍ୟାପ୍ଟର୍‌ର ସଦର୍ ମଧ୍ୟ ଥିଲେ । ବିଗତ ତିନି ବର୍ଷରୁ ଶହୀଦ୍ ଡାକ୍ତର ସାହେବ କର୍କଟ ରୋଗରେ ପୀଡ଼ିତ ମଧ୍ୟ ଥିଲେ । ଏସବୁ ସତ୍ତ୍ୱେ ମଧ୍ୟ ଆପଣ ନିଜର ରୋଗ ଉପରେ ଅନ୍ୟମାନଙ୍କୁ ପ୍ରାଧାନ୍ୟ ଦେଉଥିଲେ । ଆପଣ ସର୍ବଦା ସେବା କରିବା ନିମନ୍ତେ ତତ୍ପର ରହୁଥିଲେ । ଆପଣ ରୋଗୀମାନଙ୍କ ପ୍ରତି ସମବେଦନା, ସହାନୁଭୂତି, ପ୍ରେମ ଆନ୍ତରୀକତା ଭାବ ପ୍ରଦର୍ଶନ କରୁଥିଲେ ଏବଂ ଅଭାବି ତଥା ଦରିଦ୍ର ଲୋକମାନଙ୍କର ମାଗଣା ଚିକିତ୍ସା କରୁଥିଲେ। ଏତଦ୍‌ଭିନ୍ନ ସେହି ଅଭାବି ଗରିବ ଲୋକମାନଙ୍କୁ ଆପଣ ଘରକୁ ଯିବା ନିମନ୍ତେ ବାଟ ଖର୍ଚ୍ଚ ମଧ୍ୟ ଦେଉଥିଲେ। କେବଳ ସେତିକି ନୁହେଁ ବରଂ ଆପଣ ସେମାନଙ୍କର କେତେକ ପରୀକ୍ଷା ନିଃଶୁଳ୍କ କରାଉଥିଲେ ଏବଂ ପରୀକ୍ଷା ନିମନ୍ତେ ଆପଣ ସେମାନଙ୍କୁ ପଇସା ମଧ୍ୟ ଦେଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ଚର୍ଚ୍ଚା ହୋଇଛି ଯେ, ଆପଣ ସର୍ଗୋଧା ଜିଲ୍ଲାର ପ୍ରଥମ ଯକୃତ (ଲିଭର୍) ଏବଂ ଉଦର (ପେଟ) ରୋଗ ବିଶେଷଜ୍ଞ ଥିଲେ । ଆପଣ ଆର୍ଥିକ ରୂପେ ସ୍ୱଚ୍ଛଳ ନଥିବା କନ୍ୟାମାନଙ୍କର ବିବାହ ଅବସରରେ ସେମାନଙ୍କୁ ଅତ୍ୟନ୍ତ ଗୁପ୍ତ ରୂପେ ସାହାଯ୍ୟ ମଧ୍ୟ କରୁଥିଲେ । ଜଣେ ଅଭାବି ବ୍ୟକ୍ତି ଉଲ୍ଲେଖ ରହିଛି ଯେ, ସ୍ୱର୍ଗତ ଶହୀଦ୍ ଡାକ୍ତର ମୁହମ୍ମଦ ମହମୁଦ ହୁସେନ୍ ସାହେବ ଜଣେ ଅଭାବି ବ୍ୟକ୍ତିକୁ ଦୀର୍ଘ ଦିନ ଧରି ନିୟମିତ ରୂପେ ଆର୍ଥିକ ସାହଯ୍ୟ କରି ଆସୁଥିଲେ । ପ୍ରଥମେ ପ୍ରଥମେ ସେହି ବ୍ୟକ୍ତି ମାସରେ ଥରେ କିମ୍ବା ଦୁଇ ଥଖ ଆସୁଥିଲା । ପୁନଶ୍ଚ ସେହି ବ୍ୟକ୍ତି ପ୍ରତ୍ୟେକ ଦୁଇ ଦିନ ଅବା ତିନି ଦିନରେ ଡାକ୍ତର ସାହେବଙ୍କ ପାଖକୁ ଆସିବାକୁ ଆରମ୍ଭ କରିଦେଲା । କିନ୍ତୁ ତଥାପି ଆପଣ ସେହି ବ୍ୟକ୍ତିକୁ ସାହାଯ୍ୟ କରି ଚାଲିଥିଲେ। ଡାକ୍ତର ସାହେବ କେବେ ବି ରୁଷ୍ଟ ହୋଇ ନଥିଲେ । ବରଂ ଡାକ୍ତର ସାହେବ ଅତ୍ୟନ୍ତ ବିନମ୍ର ହୃଦୟର ବ୍ୟକ୍ତି ଥିଲେ । ଦିନେ ସେହି ବ୍ୟକ୍ତି ବହୁତ୍ ଜିଦ୍ କରିବା ହେତୁ ଡାକ୍ତର ସାହେବଙ୍କ ତୁଣ୍ଡରୁ କଟୁ ଭାଷା ବାହାରି ପଡ଼ିଲା । କିନ୍ତୁ ଯେହେତୁ ଡାକ୍ତର ସାହେବଙ୍କ ସ୍ୱଭାବରେ ବିନମ୍ରତା, କୋମଳତା ଏବଂ ପୁଣ୍ୟତା ରହିଥିଲା ତେଣୁ ଡାକ୍ତର ସାହେବ ରାତି ସାରା ଚିନ୍ତିତ ରହିଥିଲେ ଏବଂ ଅଶାନ୍ତ ରହିଥିଲେ । ଅତଏବ୍ ସେ ନିଜ ମନରେ କହିଲେ, କି ମୁଁ ସେହି ବ୍ୟକ୍ତିକୁ ଏପରି କଟୁ ଭାଷା କାହିଁକି କହିଦେଲି ? ପରବର୍ତ୍ତୀ ଦିନ ଡାକ୍ତର ସାହେବ ସେହି ବ୍ୟକ୍ତିକୁ ଡାକିଲେ ଏବଂ ତା'କୁ କ୍ଷମା ମାଗିଲେ ଓ ପୁନଶ୍ଚ ତା'କୁ ଆର୍ଥିକ ସାହାଯ୍ୟପୂର୍ବକ ବିପୁଳ ଅର୍ଥରାଶି ମଧ୍ୟ ପ୍ରଦାନ କଲେ ।

ସ୍ୱର୍ଗତ ଶହୀଦ୍ ଡାକ୍ତର ସାହେବଙ୍କ ଜମାଅତ୍‌ର ଗଣାମାନ୍ୟ ବରିଷ୍ଠ ବ୍ୟକ୍ତିଙ୍କ ସହିତ ଆନ୍ତରୀକତାପୂର୍ଣ୍ଣ ସଂପର୍କ ରହିଥିଲା । ଆବଶ୍ୟକ ସ୍ଥଳେ ଆପଣ ରବ୍‌ୱା ଯାଇ ବିଶେଷ ରୂପେ ରୋଗୀମାନଙ୍କର ମଇନା (ନୀରିକ୍ଷଣ) କରୁଥିଲେ ଏବଂ ଚିକିତ୍ସା କରି ପରାମର୍ଶ ମଧ୍ୟ ପ୍ରଦାନ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶହୀଦ୍ ସ୍ୱର୍ଗତଙ୍କ ମାତାଶ୍ରୀ ଅମତୁଲ୍ ହଇ ସାହେବ କୁହନ୍ତି ଯେ, ମୋ ପୁତ୍ର ଅଭିଭାବକମାନଙ୍କୁ ବହୁତ ସମ୍ମାନ ଜଣାଉଥିଲା । ମୋ ସୁପୁତ୍ର ପିଲାଟି ଦିନରୁ ଅସଂଖ୍ୟା ସୁଗୁଣାବଳୀର ଅଧିକାରୀ ଥିଲା । ନିଜର କାମ ସହିତ ମତଲବ୍ ରଖୁଥିଲା । ଖିଲାଫତ୍‌କୁ ବହୁତ ଭଲ ପାଉଥିଲା । ଗରିବ ଏବଂ ରୋଗୀମାନଙ୍କର ବହୁତ ଧ୍ୟାନ ରଖୁଥିଲା । ଆର୍ଥିକ ବଳିଦାନ ଏବଂ ନେଣଦେଣର ସଂପୂର୍ଣ୍ଣ ହିସାବ ରଖୁଥିଲା । ବଂଶର ସମସ୍ତ ଲୋକମାନଙ୍କୁ ପରସ୍ପର ସହିତ ଏକତା ରଜ୍ଜୁରେ ଯୋଡ଼ି ରଖିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲ, ସ୍ୱର୍ଗତଙ୍କ ପତ୍ନି ମହୋଦୟା ଶ୍ରୀମତି ଅମତୁଲ୍ ନୁର୍ ସାହେବା କୁହନ୍ତି ଯେ, ମୋ ସ୍ୱାମୀ ନିଜର ସନ୍ତାନମାନଙ୍କୁ ଜମାଅତୀୟ ବ୍ୟବସ୍ଥା ସହିତ ସର୍ବଦା ସଂଶ୍ଳୀଷ୍ଟ ରହିବା ନିମନ୍ତେ ଅନୁପ୍ରାଣିତ ଏବଂ ଉତ୍ସାହିତ କରୁଥିଲେ । ଖିଲାଫତ୍ ସହିତ ଆପଣଙ୍କର ଆନ୍ତରୀକତାପୂର୍ଣ୍ଣ ଶ୍ରଦ୍ଧା ଭାବ ରହିଥିଲା । ଆପଣ ନିୟମିତି ରୂପେ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଶୁଣୁଥିଲେ ଏବଂ ପଏଣ୍ଟ୍‌ସ୍ ସବୁକୁ ଆପଣ ଡାଏରୀରେ ନୋଟ୍ କରୁଥିଲେ । ଏପରି ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବାକୁ ଡାଏରୀରେ ନୋଟ୍ କରି ଥାଆନ୍ତି । କେବଳ ସେତିକି ନୁହେଁ ବରଂ ୱାକ୍‌ଫିନେ ଜିନ୍ଦିଗୀମାନେ (ଉତ୍ସର୍ଗୀକୃତ ଜୀବନ) ମଧ୍ୟ ଏପରି କରି ନଥାଆନ୍ତି। ଅର୍ଥାତ୍ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମାକୁ ନୋଟ୍ କରି ନଥାଆନ୍ତି। ମୋ ସ୍ୱାମୀ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଏଇଥି ପାଇଁ ନୋଟ୍ କୁରଥିଲେ ଯେ, ଦରକାର ପଡ଼ିଲେ ତାହା କାମରେ ଆସିବ । ସ୍ୱାମୀଙ୍କର ଚାନ୍ଦା ପୈଠ କରିବା ମଧ୍ୟ ଦୃଷ୍ଟାନ୍ତନୀୟ ଥିଲା। ଶାହାଦତ୍ ସମୟରେ ତାଙ୍କର 2025 ମସିହା ପର୍ଯ୍ୟନ୍ତ ଓସିୟତ୍‌ର ସଂପୂର୍ଣ୍ଣ ହିସାବ୍ କ୍ଲିୟର୍ ଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଶହୀଦ୍‌ଙ୍କର 4ଟି ସନ୍ତାନ ରହିଛନ୍ତି । ତନ୍ମଧ୍ୟରୁ ଦୁଇଟି ପୁତ୍ର ସନ୍ତାନ ଅଛନ୍ତି ଏବଂ ଦୁଇଟି କନ୍ୟା ସନ୍ତାନ ଅଛନ୍ତି । ତାଙ୍କର ଗୋଟିଏ ପୁତ୍ର ଡାକ୍ତର ଅଛନ୍ତି । ସେହି ପୁତ୍ରଙ୍କର ନାମ ହେଲା ଡାକ୍ତର ବସିର୍ । ସୁପୁତ୍ର ବସିର୍ ସାହେବ କୁହନ୍ତି: "ପିତାଶ୍ରୀ ଆମମାନଙ୍କୁ ସର୍ବଦା ଖିଲାଫତ୍ ସହିତ ସଂପର୍କ ଯୋଡ଼ି ରଖିବା ନିମନ୍ତେ ଅନୁପ୍ରାଣିତ କୁରଥିଲେ ।"

ସେହିପରି ସ୍ୱର୍ଗତଙ୍କ ସୁପୁତ୍ରୀ ସାଏମା ସାହେବା କୁହନ୍ତି "ପିତାଶ୍ରୀ ଜଣେ ପିତୃବତ୍ସଳ ବ୍ୟକ୍ତି ଥିଲେ । ପିତାଶ୍ରୀ ମୋ ବିବାହ ଅବସରରେ ମୋତେ ଏକ ଉପଦେଶ ଦେଇଥିଲେ ଯେ, ହେ ମୋର ସୁପୁତ୍ରୀ ! ଶାଶୁ ଘରକୁ ଯାଇ ସର୍ବଦା ଜମାଅତ୍‌ର ବ୍ୟବସ୍ଥା ସହିତ ଜଡ଼ିତ ରହିବୁ । ଯଦି କୌଣସି ପ୍ରକାରେ ଜମାଅତ୍‌ର ସେବା କରିବାକୁ ସୁଯୋଗ ମିଳେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ତେବେ ତାହାକୁ ସୌଭାଗ୍ୟ ବୋଲି ମନେକରି ତା'କୁ ସାଦରରେ ଗ୍ରହଣ କରିନେବୁ, ଅସ୍ୱୀକାର କରିବୁ ନାହିଁ । ପିତାଶ୍ରୀ ପ୍ରାୟତଃ ସାଧାରଣ ଧାଁ ଧପଡ଼ରେ ମଧ୍ୟ ଜମାଅତ୍‌ର ସେବା କରିବା ନିମନ୍ତେ ସମୟ ବାହାର କରି ନେଉଥିଲେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଶହୀଦ୍ ସ୍ୱର୍ଗତଙ୍କ ବଧୂ (ବୋହୂ) କୁହନ୍ତି: "ଶ୍ୱଶୁର ମହୋଦୟ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ରଖିବାକୁ ଗୁରୁତ୍ୱାରୋପ କରୁଥିଲେ । ଯେତେବେଳେ ମୁଁ କୌଣସି ପ୍ରସଙ୍ଗରେ ମାର୍ଗ ଦର୍ଶନ ନିମନ୍ତେ ତାଙ୍କ ପାଖକୁ ଗଲି ସେତେବେଳେ ଆପଣ ନିଜର କଥାକୁ ଦୁଆ ସହିତ ଆରମ୍ଭ କରୁଥିଲେ ଏବଂ ଦୁଆରେ ହିଁ କଥାକୁ ସମାପ୍ତ କରୁଥିଲେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ଭଉଣୀ କୁହନ୍ତି : "ମୋ ଭାଇ ଜମାଅତ୍‌ର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ତଥା ଜମାଅତ୍‌ର ବିରୋଧ ହେତୁ ବହୁତ ଚିନ୍ତିତ ଥିଲେ। ରାତିରେ ଉଠି ନଫିଲ୍ ନମାଜ ପାଠ କରିବା ଓ ନମାଜ୍ ତହଜ୍ଜୁଦ୍ ପାଠ କରିବା ଆପଣଙ୍କର ନିତି ଦିନିଆ ଅଭ୍ୟାସ ଥିଲା ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ସର୍ଗୋଧା ଜିଲ୍ଲାର ଅମୀର୍ ଖାଲିଦ୍ ମହମୁଦ୍ ସାହେବ କୁହନ୍ତି: "ଶହୀଦ୍ ସ୍ୱର୍ଗତ ଡାକ୍ତର ମହମୁଦ୍ ସାହେବ କୁହନ୍ତି ଯେ, ଆପଣ ଅଭାବିମାନଙ୍କ ନିମନ୍ତେ ମସିହା (ଯୀଶୁଖ୍ରୀଷ୍ଟ ଅର୍ଥାତ୍ ସାହାଯ୍ୟକାରୀ) ବ୍ୟକ୍ତି ଥିଲେ ଏବଂ ଜଣେ ମହାନ୍ ବ୍ୟକ୍ତି ଥିଲେ । ଆପଣ ଜନହିତୈଷୀ ହେବା ବ୍ୟତୀତ ବିନୀତତା, ବିନମ୍ରତା ଭଳି ବିଶିଷ୍ଟ ସୁଗୁଣାବଳୀ ଆପଣଙ୍କ ମଧ୍ୟରେ ସ୍ପଷ୍ଟ ରୂପେ ବିଦ୍ୟମାନ ରହିଥିଲା । ଆପଣ ଅନେକ ସମୟରେ ଅଭାବି, ଦରିଦ୍ର ରୋଗୀମାନଙ୍କର ଫିସ୍ ଫେରସ୍ତ କରି ଦେଉଥିଲେ। ଜମାଅତ୍ ନିମନ୍ତେ ବଳିଦାନ ଦେବାର ଅନନ୍ୟ ଗୁଣାବଳୀ ଆପଣଙ୍କ ମଧ୍ୟରେ ବିଦ୍ୟମାନ ରହିଥିଲା । ଆପଣ ନିଜର ୱାଦାଜାତ୍ ଅନୁଯାୟୀ ଚାନ୍ଦା ପୈଠ କରିବା ବ୍ୟତୀତ ଅତିରିକ୍ତ ଚାନ୍ଦା ସଂପର୍କରେ ମଧ୍ୟ ବିଶେଷ ରୂପେ ସାହାଯ୍ୟ ମଧ୍ୟ କରୁଥିଲେ । ଆପଣ ଜମାଅତ୍‌ର ପଦାଧିକାରୀମାନଙ୍କୁ ମଧ୍ୟ ବେଶ୍ ସମ୍ମାନ ଜଣାଉଥିଲେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ସର୍ଗୋଧାର ଜୁବୈର୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ସାହେବ କୁହନ୍ତି: "ଆମମାନଙ୍କର ଅତି ପ୍ରିୟ, ମାନବ ସେବୀ, ଦୟା ଓ କରୁଣା ପ୍ରଦର୍ଶନକାରୀ, ଲକ୍ଷ ଲକ୍ଷ ଲୋକଙ୍କର ମସିହା, ଖିଲଫାତ୍‌ର ପାଗଳ ପ୍ରେମୀ, ସାକ୍ଷାତ୍ ଦେବଦୂତ ତୁଲ୍ୟ ବ୍ୟକ୍ତି ଆଜି ଆମମାନଙ୍କ ଠାରୁ ଦୂରେଇ ଯାଇଛନ୍ତି । ଶହୀଦ୍ ସ୍ୱର୍ଗତ ସନ୍ଥମାନଙ୍କ ପରି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଜୀବନର ପ୍ରତ୍ୟେକଟି ପାର୍ଶ୍ୱ ଆପଣଙ୍କର ଦୃଷ୍ଟାନ୍ତନୀୟ ଥିଲା । ଆପଣଙ୍କ ନିକଟକୁ ଯେତେବେଳେ ବି କୌଣସି ଉତ୍ସର୍ଗୀକୃତ ଜୀବନ ବ୍ୟକ୍ତି ଆସୁଥିଲା ସେତେବେଳେ ଆପଣ ନିଜ ଆସନ ଅର୍ଥାତ୍ ଚୌକିରୁ ଛିଡ଼ା ହୋଇଯାଉଥିଲେ ଏବଂ ତାଙ୍କୁ ଛାଡ଼ିବା ନିମନ୍ତେ ଦୁଆର ପର୍ଯ୍ୟନ୍ତ ଆସୁଥିଲେ । ଯେତେବେଳେ ଡାକ୍ତର ସାହେବଙ୍କୁ କୁହାଗଲା ଏବଂ ତାଙ୍କର ଧ୍ୟାନ ଯେତେବେଳେ ଆକର୍ଷଣ କରାଗଲା ଯେ, ମହୋଦୟ ଆପଣ ସତର୍କତା ସ୍ୱରୂପ ନିଜ ସହିତ ଏକ ସୁରକ୍ଷା କର୍ମୀ ରଖି ନିଅନ୍ତୁ । କାରଣ ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ଏବଂ ଜଟିଳ ରହିଛି, ସେତେବେଳେ ଆପଣ ସର୍ବଦା ଏହି ଉତ୍ତର ଦେଇଥିଲେ ଯେ, ମୁଁ ନିଜ ସହିତ କୌଣସି ଗାର୍ଡ୍ ତ' ରଖିନେବି କିନ୍ତୁ ଭଗବାନ ନକରନ୍ତୁ କି ମୋତେ ଯଦି କୌଣସି ଆତତାୟୀ ଯେତେବେଳେ ମାରିବାକୁ ଆସେ ସେତେବେଳେ ମୋ ଯୋଗୁଁ ଅନ୍ୟ କୌଣସି ବ୍ୟକ୍ତିର ପ୍ରାଣହାନୀ ଘଟୁ । ତେଣୁ ମୁଁ ଏପରି ଚାହୁଁ ନାହିଁ । କିନ୍ତୁ ବିରୋଧୀମାନେ ତାଙ୍କ ବିରୁଦ୍ଧରେ ଜିଲ୍ଲା ବ୍ୟାପୀ ଇସ୍ତାହାର ବାଣ୍ଟିଥିଲେ ଯେ, ଆପଣଙ୍କୁ ଶହୀଦ୍ କରିଦିଆଯାଉ ଏବଂ ଆପଣଙ୍କୁ ଅମକ ଶାସ୍ତି ପ୍ରଦାନ କରାଯାଉ । କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ଆପଣ କେବେ ବି ଏହି ଅହମଦି ବିରୋଧୀ ଧମକକୁ ଭୃକ୍ଷେପ କରି ନାହାନ୍ତି । ଏହି ଅହମଦି ବିରୋଧୀମାନେ ଅହମଦି ଡାକ୍ତରମାନଙ୍କର ଏକ ସୂଚୀ ପ୍ରସ୍ତୁତ କରିଛନ୍ତି ଯହିଁରେ ସ୍ୱର୍ଗତ ଶହୀଦ୍ ଡାକ୍ତର ମୁହମ୍ମଦ ମହମୁଦ୍ ହୁସୈନ ସାହେବଙ୍କର ନାମ ସର୍ବାଗ୍ରେ ରହିଥିଲା । ତେଣୁ ମହୋଦୟଙ୍କୁ ମୌଲବୀମାନେ ଟାର୍ଗେଟ୍ କରିଥିଲେ। କେବଳ ସେତିକି ନୁହେଁ ବରଂ ଅକ୍ରମ୍ ତୁଫାନୀ ନାମକ ଜଣେ ମୌଲବୀ ରହିଛି ସେ ତ' ଡାକ୍ତର ସାହେବଙ୍କୁ ନିଶ୍ଚିତ ହତ୍ୟାଯୋଗ୍ୟ ବୋଲି ଧର୍ମାଜ୍ଞା ଦେଇଥିଲା । ପୁନଶ୍ଚ ଉକ୍ତ ଧର୍ମାଜ୍ଞାକୁ ସେ ସର୍ବତ୍ର ମଧ୍ୟ ବାଣ୍ଟିଥିଲା । କିନ୍ତୁ ସରକାର କୌଣସି ପଦକ୍ଷେ ଗ୍ରହଣ କରି ନଥିଲା ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଫାତିମା ନାମକ ଖ୍ରୀଷ୍ଟିୟାନ ହସ୍ପିଟାଲ୍ ରହିଛି । ସେହି ହସ୍ପିଟାଲ୍‌ର ଆଡ଼ମିନିଷ୍ଟ୍ରେଟର ଜଣକ ହେଉଛନ୍ତି ଜଣେ ପାଦ୍ରୀ ଅର୍ଥାତ୍ ଖ୍ରୀଷ୍ଟ ଧର୍ମାବଲମ୍ବୀ। ସେ କୁହନ୍ତି ଯେ, ମନୁଷ୍ୟର ଜଣେ ପ୍ରକୃତ ସେବକ ଆଜି ଆମ ଠାରୁ ଦୂରେଇ ଯାଇଛନ୍ତି । ତାଙ୍କର ଏହି ଅକାଳ ନିଧନ ଯୋଗୁଁ ଆମମାନଙ୍କର ହୃଦୟ ଦୁଃଖ ଜର୍ଜରିତ ହୋଇ ପଡ଼ିଛି ଏବଂ ଆମେମାନେ ମର୍ମାହତ ହୋଇ ପଡ଼ିଛୁ । ଏହି ଆଡ଼ମିନିଷ୍ଟ୍ରେଟର ସାହେବ ଜଣକ ନିଜର ଅନ୍ୟ କର୍ମକର୍ତ୍ତା ଏବଂ ଅମଲାମାନଙ୍କ ସହିତ ଶହୀଦ୍ ସ୍ୱର୍ଗତ ଡାକ୍ତର ମୁହମ୍ମଦ ମହମୁଦ୍ ହୁସୈନ ସାହେବଙ୍କ ଯନାଜାଃ (ଅନ୍ତିମ ସଂସ୍କାରରେ)ରେ ରବ୍‌ୱା ଆସିଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଶୋସିଆଲ୍ ଏବଂ ପ୍ରିଣ୍ଟ ମିଡ଼ିଆ ମଧ୍ୟ ଡାକ୍ତର ସାହେବଙ୍କ ଶାହାଦତ୍‌କୁ କଭର୍ କରିଛି । ଜଣେ ଇଷ୍ଟର୍ଣ୍ଣ କମିଶନର ସାହେବ ନିଜର ଏକ ପୋଷ୍ଟରେ ଉକ୍ତ ଘଟଣା ସଂପର୍କରେ ଉଲ୍ଲେଖ କରିଛନ୍ତି । କିନ୍ତୁ ଏହି ଲୋକମାନେ କେବଳ ପୋଷ୍ଟ୍ ଲେଖି ପାରିବେ ଏବଂ ଆଉ କିଛି କରି ପାରିବେ ନାହିଁ । କାରଣ ମୌଲବୀମାନଙ୍କ ସମ୍ମୁଖରେ ଛିଡ଼ା ହେବାର କିମ୍ବା ମୌଲବୀମାନଙ୍କ ବିରୁଦ୍ଧରେ ନିଷ୍ପତ୍ତି ନେବାରେ ଏମାନଙ୍କ ନିକଟରେ ସାହାସ ନାହିଁ । କିନ୍ତୁ ଏହା ମଧ୍ୟ ତାଙ୍କର ସତ୍‌ସାହସ କି ମହିଳା ହେବା ସତ୍ତ୍ୱେ ସେ ନିଜର ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଶେଖ୍ ମହମୁଦ୍ ସାହେବ ଗରିବ ଲୋକମାନଙ୍କର ମସିହା ଥିଲେ । ଆପଣ ମସିହା ଗୁଣରୁ କିଛି କମ୍ ନଥିଲେ । ଆପଣ ଜଣେ ସର୍ବୋତ୍କୃଷ୍ଟ ମେଡ଼ିକାଲ ସ୍ପେଶିଆଲିଷ୍ଟ ଥିଲେ । ବେଳେବେଳେ ଆପଣ ମହଙ୍ଗା ପରୀକ୍ଷା ମଧ୍ୟ ଗରିବମାନଙ୍କ ନିମନ୍ତେ ମାଗଣ କରି ଦେଉଥିଲେ । ସମଗ୍ର ଜିଲ୍ଲାର ଏପରି କୌଣସି ଘର ନଥିଲା ଯେଉଁ ଘରର ସଦସ୍ୟମାନେ ଆପଣଙ୍କ ଠାରୁ ଚିକିତ୍ସା କରାଇ ନଥିବେ । ହୁଜୁର ଅନ୍ୱର୍ ଅ.ବ କହିଲେ, ପୋଷ୍ଟ ଲେଖିଥିବା ମହିଳା ଜଣକ ହେଉଛନ୍ତି ଜଣେ ଅଣଅହମଦି ମହିଳା। ଜଣେ ଅଣଅହମଦି ମହିଳା ହେବା ସତ୍ତ୍ୱେ ମଧ୍ୟ ଆପଣ ଡାକ୍ତର ସାହେବଙ୍କର ଉଚ୍ଚ ପ୍ରଶଂସା କରୁଛନ୍ତି । ସେହି ମହିଳା ଜଣକ କୁହନ୍ତି ଯେ, "ସ୍ୱର୍ଗତ ଶହୀଦ୍ ଡାକ୍ତର ସାହେବ ଅନେକ ରୋଗୀଙ୍କର ମାଗଣା ଚିକିତ୍ସା କରି ଦେଉଥିଲେ । ଏହା ଆପଣଙ୍କର ମହତ୍ କାର୍ଯ୍ୟ ଥିଲା । ଯେହେତୁ ସ୍ୱର୍ଗତ ଶହୀଦ୍ ଶେଖ୍ ମୁହମ୍ମଦ ମହମୁଦ୍ ସାହେବ ଜଣେ ଡାକ୍ତର ଥିଲେ ତେଣୁ ମୁଁ ମଧ୍ୟ ଉକ୍ତ କଥାକୁ ମର୍ମେ ମର୍ମେ ଅନୁଭବ କରିଛି। ସ୍ୱର୍ଗତ ଶହୀଦ୍ ଡାକ୍ତର ଶେଖ୍ ମୁହମ୍ମଦ ମହମୁଦ୍ ସାହେବ ଅନ୍ୟ କୌଣସି ସ୍ଥାନ ଏବଂ ଅନ୍ୟ କୌଣସି ଦେଶକୁ ଯଦି ଯାଇଥାଆନ୍ତେ ତେବେ ଆପଣ ସେଠାରେ ବେଶ୍ ଅଧିକ ଅର୍ଥୋପାର୍ଜନ କରିପାରି ଥାଆନ୍ତେ ଏବଂ ସୁଖ ସମୃଦ୍ଧ ଜୀବନ ବିତାଇ ପାରି ଥାଆନ୍ତେ। କିନ୍ତୁ ଆପଣ ଏଠାରେ ଅର୍ଥାତ୍ ସର୍ଗୋଧା ଠାରେ ମାନବ ସେବା କରିବାକୁ ପ୍ରାଧାନ୍ୟ ଦେଲେ । ଆଜି ଜଣେ ମାନବ ସେବୀ ବ୍ୟକ୍ତିଙ୍କ ବିଦାୟରେ ମୋ ଆଖିରୁ ଲୁହ ଝରି ଯାଉଛି ଏବଂ ମୁଁ କାନ୍ଦୁଛି । ଡାକ୍ତର ସାହେବଙ୍କ ସହିତ ମୋର କୌଣସି ବ୍ୟକ୍ତିଗତ ସଂପର୍କ ତ' ନଥିଲା । କିନ୍ତୁ କେବଳ ଜଣେ ମାନବିକାତର ସଂପର୍କ ଥିଲା । ଏହି ମହାନ୍ ବ୍ୟକ୍ତିଙ୍କର ଅନେକ ଲୋକମାନଙ୍କ ଉପରେ ଉପକାର ରହିଛି । ଯଦି କୌଣସି ବ୍ୟକ୍ତି ପଚାରେ କି ସ୍ୱର୍ଗତ ଶହୀଦ୍ ଡାକ୍ତର ସାହେବଙ୍କର ଦୋଷ କ'ଣ ଥିଲା ତେବେ କେବଳ ଏତିକି ହିଁ କୁହାଯାଇ ପାରିବ ଯେ, ଆପଣଙ୍କର ଅପରାଧ କେବଳ ଅହେମଦି ହେବା ଥିଲା । ଅର୍ଥାତ୍ ଆପଣ ଜଣେ ଅହମଦି ହୋଇଥିବା ହେତୁ ଆପଣଙ୍କୁ ଏପରି ଦଣ୍ଡ ଦିଆଯାଇଛି ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଜଣେ ଡାକ୍ତର ସାହେବ ଅଛନ୍ତି, ସେ ଉଲ୍ଲେଖ କରନ୍ତି ଯେ, ଡାକ୍ତର ସାହେବ ସର୍ଗୋଧାର ପ୍ରଥମ ଇ.ଆର୍.ସି.ପି (ERCP)କାରୀ ମେଡ଼ିକାଲ ସ୍ପେଶିଆଲିଷ୍ଟ ଥିଲେ । ଆପଣ ଏତେ ଯୋଗ୍ୟ ଏବଂ ବରିଷ୍ଠ ଡାକ୍ତର ହେବା ସତ୍ତ୍ୱେ ମଧ୍ୟ ସର୍ଗୋଧାରେ ସବୁଠୁ କମ୍ ମୂଲ୍ୟରେ ପ୍ରୋସିଜର କରୁଥିଲେ । ଆପଣଙ୍କର ଧର୍ମମତ ଭିନ୍ନ ହେବା ହେତୁ ଆପଣଙ୍କୁ ହତ୍ୟା କରିଦିଆଗଲା । କ'ଣ ଏହି ଦେଶରେ କୌଣସି ଆଇନ ବ୍ୟବସ୍ଥା ଅଛି ଅବା ନୁହେଁ ?

ହୁଜୁର ଅନ୍ୱର୍ ଅ.ବ କହିଲେ, ଜଣେ ଘରୋଇ (ଆଙ୍କର୍) ସାମ୍ବାଦିକ ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କୁ ଯେଭଳି ବୀଭତ୍ସ ଓ ନୃଶଂସନୀୟ ଭବାରେ ହତ୍ୟା କରାଯାଇଛି ଏହି କୁକୃତ୍ୟ ପାଇଁ ମୋ ନିକଟରେ ନିନ୍ଦା ଓ ତିରସ୍କାର ବ୍ୟତୀତ ଅନ୍ୟ କୌଣସି ଶବ୍ଦ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ ଜଣେ ସାମ୍ବାଦିକ ଉଲ୍ଲେଖ କରନ୍ତି ଯେ, "ବାସ୍ ବହୁତ ହେଲା ଏହି ଦୌରାତ୍ମ୍ୟ । ପାକିସ୍ତାନକୁ ବଞ୍ଚାଇବାକୁ ହେଲେ ଏହି ଆତଙ୍କବାଦୀ ଗ୍ରୁପ୍ସ ଏବଂ ଗୋଷ୍ଠୀମାନଙ୍କୁ ଅଟକାଇବାକୁ ହେବ । ମୌଳିକ ମାନବାଧିକାର ହନନ ଏବଂ ଅହମଦିମାନଙ୍କ ବିରୁଦ୍ଧରେ ଏଭଳି ଚରମ ନିଷ୍ପତ୍ତି ନେବାରୁ ଅଟକାଇବା ନିମନ୍ତେ ଚରମ ପନ୍ଥୀ ଗୋଷ୍ଠୀମାନଙ୍କୁ ବ୍ୟାନ୍ (Ban) କରିବା ନିହାତି ଜରୁରୀ ଅଟେ। କିନ୍ତୁ ନାମକୁ ମାତ୍ର ଧର୍ମର ଠିକାଦାରମାନଙ୍କର ଭୟ ଏତେ ମାତ୍ରାରେ ରହିଛି ଯେ, ସରକାର ମଧ୍ୟ ନିଷ୍କ୍ରିୟ ଓ ଅସହାୟ ଅଟନ୍ତି । ଏପର୍ଯ୍ୟନ୍ତକି ଆଇନ୍ ପ୍ରଣୟନକାରୀ ଅନୁଷ୍ଠାନ ତଥା ସଂସ୍ଥାମାନ ଓ ନ୍ୟାୟାଳୟ ମଧ୍ୟ ଅସହାୟ ଅଟନ୍ତି ।"

ଅଲ୍ଲାଃତାଲା ଯଥାଶୀଘ୍ର ସେହି ଚରମ ପନ୍ଥୀମାନଙ୍କ ଯଥାଶୀଘ୍ର ଧର ପକଡ଼ କରନ୍ତୁ ଏବଂ ଦେଶକୁ ବଞ୍ଚାଇବା ନିମନ୍ତେ ଏହା ଜରୁରୀ ଅଟେ କି ସେହି ନାମକୁ ମାତ୍ର ଧାର୍ମିକ ଠିକାଦାରମାନଙ୍କ ଠାରୁ ଯେଉଁମାନେ ପ୍ରକୃତରେ ଆତଙ୍କବାଦୀ ଅଟନ୍ତି ଏବଂ ଧର୍ମ ନାମରେ ଆତଙ୍କବାଦ କାର୍ଯ୍ୟକଳାପ ଓ କାଣ୍ଡ ଭିଆଉଛନ୍ତି, ସେମାନଙ୍କ କବଳରୁ ଦେଶକୁ ରକ୍ଷା କରାଯାଉ । କାରଣ ଏହି ଲୋକମାନେ ତ' ଦେଶକୁ ଧ୍ୱଂସ କରିବା ନିମନ୍ତେ ଉଦ୍ୟମରତ ଅଟନ୍ତି । ଯେଉଁ ବ୍ୟକ୍ତି ଏହି ଆତଙ୍କବାଦୀ, ଧାର୍ମିକ ଠିକାଦାର ମୌଲବୀମାନଙ୍କ ବିରୁଦ୍ଧରେ କୌଣସି ସ୍ଥାନରେ ସ୍ୱରୋତ୍ତୋଳନ କରୁଛି ତେବେ ଏମାନେ ସେହି ବ୍ୟକ୍ତି ଉପରେ ଆକ୍ରମଣ କରି ତା'କୁ ହତ୍ୟା କରି ଦେଉଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ ସେ ଯାହା ହେଉ ଆମମାନଙ୍କର ଡାକ ତଥା ଆମମାନଙ୍କର ଗୁହାରୀ ତ' କେବଳ ଓ କେବଳ ଅଲ୍ଲାଃତାଲାଙ୍କ ସମ୍ମୁଖରେ ହିଁ ରହିଛି । ତେଣୁ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଅଧିକାର ସମ୍ପାଦନ କରିବା ପ୍ରତି ଉଦ୍ୟମ କରିବା ଉଚିତ୍ । ଅର୍ଥାତ୍ ଉପାସନା ଏବଂ ନମାଜ୍ ତହଜ୍ଜୁଦ୍ ପାଠ କରିବା ପ୍ରତି ଧ୍ୟାନ ଦେବା ସହିତ ଚେଷ୍ଟା ମଧ୍ୟ କରିବା ଉଚିତ୍ । ଅଲ୍ଲାଃତାଲା ଶହୀଦ୍ ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଶୋକ ସନ୍ତପ୍ତ ସପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** । ଶହୀଦଙ୍କ ମାତାଶ୍ରୀ ବୃଦ୍ଧା ଅଟନ୍ତି । ଅଲ୍ଲାଃତାଲା ତାଙ୍କର ଦୁଃଖକୁ ମଧ୍ୟ ଲାଘବ କରନ୍ତୁ । ସେହିପରି ଅଲ୍ଲାଃତାଲା ପତ୍ନି ଓ ସନ୍ତାନମାନଙ୍କୁ ମଧ୍ୟ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆମିନ୍ । **(ଅଲଫଜଲ୍ ଇଣ୍ଟରନ୍ୟାସନଲ୍, 13 ଜୁନ୍ 2025 ମସିହା, ପୃ-2-6)** ☆--☆--☆

(ଖୁତ୍‌ବା ଜୁମା)

ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ଅବତାରତ୍ୱ ଅକ୍ଷୁର୍ଣ୍ଣ ଓ ଅବ୍ୟାହତ ରହିବ । ତତ୍ପରେ ଅଲ୍ଲାଃତାଲା ତାହାକୁ ଅପସାରଣ କରିନେବେ (ଉଠାଇ ନେବେ) ଓ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍ (ଅବତାରତ୍ୱ ପନ୍ଥାନୁଯାୟୀ ଖିଲାଫତ୍ ବ୍ୟବସ୍ଥା ଜାରି ହେବା) ପ୍ରତିଷ୍ଠିତ ହେବ । ଏତଦପରେ ଅଲ୍ଲାଃତାଲା ଯେତେବେଳେ ଇଚ୍ଛା ପ୍ରକାଶ କରିବେ ସେତେବେଳେ ସେ ଉକ୍ତ ଅବଦାନକୁ ଅପସାରଣ କରିନେବେ । ପୁନଶ୍ଚ ତାହାଙ୍କ ବିଧାନ ଅନୁଯାୟୀ ଦୁଃଖ ଓ ଯନ୍ତ୍ରଣା ପ୍ରଦାନକାରୀ ସମ୍ରାଟ ଶାସନ ବ୍ୟବସ୍ଥା ପ୍ରତିଷ୍ଠିତ କରିବେ । ଯେତେବେଳେ ଏହି ଯୁଗର ଅବସାନ ଘଟିବ ସେତେବେଳେ ଏହାଠୁ ବଳି ଅତ୍ୟାଚାରୀ ଏବଂ ଅନ୍ୟାୟ ପ୍ରଦର୍ଶନକାରୀ ସମ୍ରାଟୀୟ ଶାସନ ବ୍ୟବସ୍ଥା ସ୍ଥାପିତ ହେବ । ଏହି ସମୟକାଳଟି ସେତେବେଳ ପର୍ଯ୍ୟନ୍ତ ଅବ୍ୟାହତ ରହିବ ଯେତେବଳ ପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ । ପୁନଶ୍ଚ ଅଲ୍ଲାଃତାଲା ଏହି ଶାସନ ବ୍ୟବସ୍ଥାକୁ ମଧ୍ୟ ଅପସାରଣ କରିନେବେ । ଏତଦ୍‌ପରେ ପୁନଶ୍ଚ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍ ବ୍ୟବସ୍ଥା ପ୍ରତିଷ୍ଠିତ ହେବ । ଏହା କହି ଆପଣ ସ.ଅ ନିରବ ହୋଇଗଲେ । (ଅଲ ହଦିସ୍)

— — — — — — — — — — — — — — — — — — — —

ଯେପର୍ଯ୍ୟନ୍ତ ଆମେମାନେ ଖିଲାଫତ୍ ସହିତ ଜଡ଼ିତ ଓ ସଂଶ୍ଳୀଷ୍ଟ ହୋଇ ରହିବୁ ସେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ କୃପାର ଆମେମାନେ ଅଧିକାରୀ ହେଉଥିବୁ ।

— — — — — — — — — — — — — — — — — — — —

ଅଲ୍ଲାଃତାଲା ମୋତେ ସମ୍ବୋଧିତ କରି କହିଲେ, ହେ ପ୍ରତିଶ୍ରୁତ ମସିହ୍ ! ତୁମ୍ଭେ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ କୁହ ଏବଂ ସେମାନଙ୍କୁ ଅବଗତ କର କି ଯେଉଁ ଲୋକମାନେ ବିଶ୍ୱାସ ଆଣନ୍ତି, ଏପରି ବିଶ୍ୱାସ ଯାହା ସହିତ କୌଣସି ସାଂସାରିକ ଅପମିଶ୍ରଣ ନଥାଏ, ସେହିପରି ଏପରି ବିଶ୍ୱାସ ଯାହା ଶତ୍ରୁତା ଏବଂ ଏକମତ ନହେବା ଦ୍ୱାରା କିମ୍ବା କାପୁରୁଷତାର ଅପମିଶ୍ରଣ ଦ୍ୱାରା ଅପମିଶ୍ରିତ ହୋଇ ନଥାଏ ତେବେ ସେହି ବ୍ୟକ୍ତି ବିଶ୍ୱାସମୂଳକ ଆଜ୍ଞାବହତ୍ୱତାର କୌଣସି ସ୍ତର ଠାରୁ ବଞ୍ଚିତ ନୁହେଁ ତେବେ ଏପରି ଲୋକମାନେ ଈଶ୍ୱରଙ୍କର ଅତି ପ୍ରିୟ ଭକ୍ତ ହୋଇଥାଆନ୍ତି । ଈଶ୍ୱର ଏହିପିର ବ୍ୟକ୍ତିମାନଙ୍କ ସଂପର୍କରେ କୁହନ୍ତି ଯେ, ଏହିମାନେ ହେଉଛନ୍ତି ସେହି ଭକ୍ତମାନେ ଯେଉଁମାନଙ୍କର ପାଦ ସତ୍‌ପଥ ଆଡ଼କୁ ଅଗ୍ରସର ଅଟେ । ଏମାନେ ସତ୍ୟବାଦୀ ଅଟନ୍ତି ।

— — — — — — — — — — — — — — — — — — — —

ଅତଏବ୍ ଆମମାନଙ୍କ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ଆମେମାନେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ହୋଇ ରହିବୁ ଓ ଖିଲାଫତ୍ ବ୍ୟବସ୍ଥା ସ୍ଥାପିତ କରିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ଆମେମାନଙ୍କୁ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ । ଉପସ୍ଥିତ ଖଲିଫା ତ' ରାତିରେ ଉଠି ନିଜର ନମାଜରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସକାଶେ ଦୁଆ କରି ଥାଆନ୍ତି । କ'ଣ ଏପରି କୌଣସି ସମ୍ରାଟ୍ ଅଛି ଯିଏ ନିଜ ପ୍ରଜାଙ୍କ ପାଇଁ ଏପରି କର୍ମ ତଥା କୃତ୍ୟ ପ୍ରଦର୍ଶନ କରିପାରିବ ?

— — — — — — — — — — — — — — — — — — — —

ଅଲ୍ଲାଃତାଲା ଖିଲାଫତ୍‌କୁ ଜାରି ରଖିବା ନିମନ୍ତେ ଏବଂ ଖିଲାଫତ୍‌ର କଲ୍ୟାଣରୁ ଉପକୃତ ହେବା ନିମନ୍ତେ ଆମମାନଙ୍କୁ ଏହି ଆଦେଶ ଦେଇଛନ୍ତି ଯେ, ଯେଉଁ ବ୍ୟକ୍ତିମାନେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବେ ସେମାନେ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶ ପାଳନ କରନ୍ତୁ ଏବଂ ତାହାଙ୍କ ଆଦେଶାବଳୀକୁ କାର୍ଯ୍ୟକାରୀ କରନ୍ତୁ ।

— — — — — — — — — — — — — — — — — — — —

**ଅଲ୍ଲାଃତାଲାଙ୍କର ଉପାସନାକୁ ସର୍ବାଦ ନିଜ ଦୃଷ୍ଟି ସମ୍ମୁଖରେ ରଖନ୍ତୁ । କାରଣ ଅଲ୍ଲାଃତାଲାଙ୍କ ପୂର୍ଣ୍ଣ ଆଜ୍ଞାପଳନକାରୀ ବ୍ୟକ୍ତିମାନେ ହେଉଛନ୍ତି ସେହିମାନେ ଯେଉଁମାନେ ସର୍ବଦା ଅଲ୍ଲାଃତାଲାଙ୍କୁ ସ୍ମରଣ ରଖିଥାଆନ୍ତି ଏବଂ ତାହାଙ୍କ ଉପାସନା ସମ୍ପାଦନ କରିଥାଆନ୍ତି ।**

— — — — — — — — — — — — — — — — — — — —

ଆପଣମାନେ ସର୍ବଦା ଉକ୍ତ କଥାକୁ ସ୍ମରଣ ରଖନ୍ତୁ ଯେ, ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଦ୍ୱାରା ହିଁ ବର୍ତ୍ତମାନ ସଂସାର ତିଷ୍ଠି ପାରିବ ଏବଂ ଖିଲାଫତେ ଅହମଦିୟା ହିଁ ଉକ୍ତ ବ୍ୟବସ୍ଥାର ନିରନ୍ତରମୂଳକ ବ୍ୟବସ୍ଥା ଅଟେ । ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସହିତ ଯେଉଁ ପ୍ରତିଶୃତି କରିଥିଲେ ସେହି ପ୍ରତିଶୃତିର ନିରନ୍ତର ବ୍ୟବସ୍ଥା ହେଉଛି ଖିଲାଫତ୍ ବ୍ୟବସ୍ଥା । ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେବା ନିମନ୍ତେ ବର୍ତ୍ତମାନ ଖିଲାଫତେ ଅହମଦିୟା ହିଁ ଏକମାତ୍ର ଖିଅ ଓ ପନ୍ଥା ଅଟେ ।

— — — — — — — — — — — — — — — — — — — —

**ଖିଲାଫତ୍ ବ୍ୟବସ୍ଥାର ମହତ୍ତ୍ୱ ଏବଂ କଲ୍ୟାଣ । ସେହିପରି ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଦ୍ୱାରା ଐଶୀ ସାହାଯ୍ୟର ଅଧ୍ୟାୟ ସମ୍ବଳିତ ବର୍ଣ୍ଣନା ।**

— — — — — — — — — — — — — — — — — — — —

ରବ୍‌ୱା ସ୍ଥିତ ଫଜଲେ ଉମର୍ ହସ୍ପିଟାଲ୍‌ର ପୂର୍ବତନ ଆଡମିନିଷ୍ଟ୍ରେଟର ଡାକ୍ତର କର୍ଣ୍ଣଲ୍ ପିର୍ ମୁହମ୍ମଦ ମୁନୀର୍ ସାହେବ ଏବଂ ଶ୍ରୀମତି ଜାହିଦ୍ ସାହେବାଙ୍କର ନମାଜ ଯନାଜାଃ ଗାଏବ୍ ଓ ଉତ୍ତମ ଚର୍ଚ୍ଚା ।

— — — — — — — — — — — — — — — — — — — —

30 MAY 2025 ମସିହା ଅନୁଯାୟୀ ୩୦ ହିଜ୍ରତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

**ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।**

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ ନିମ୍ନ ଲିଖିତ ଆୟତ୍‌ର ଆବୃତ୍ତି କଲେ ।

وَاَقۡسَمُوۡا بِاللّٰہِ جَہۡدَ اَیۡمَانِہِمۡ لَئِنۡ اَمَرۡتَہُمۡ لَیَخۡرُجُنَّ ؕ قُلۡ لَّا تُقۡسِمُوۡا ۚ طَاعَۃٌ مَّعۡرُوۡفَۃٌ ؕ
اِنَّ اللّٰہَ خَبِیۡرٌۢ بِمَا تَعۡمَلُوۡنَ ﴿۵۴﴾ قُلۡ اَطِیۡعُوا اللّٰہَ وَاَطِیۡعُوا الرَّسُوۡلَ ۚ فَاِنۡ تَوَلَّوۡا فَاِنَّمَا عَلَیۡہِ مَا
حُمِّلَ وَعَلَیۡکُمۡ مَّا حُمِّلۡتُمۡ ؕ وَاِنۡ تُطِیۡعُوۡہُ تَہۡتَدُوۡا ؕ وَمَا عَلَی الرَّسُوۡلِ اِلَّا الۡبَلٰغُ الۡمُبِیۡنُ ﴿۵۵﴾
وَعَدَ اللّٰہُ الَّذِیۡنَ اٰمَنُوۡا مِنۡکُمۡ وَعَمِلُوا الصّٰلِحٰتِ لَیَسۡتَخۡلِفَنَّہُمۡ فِی الۡاَرۡضِ کَمَا اسۡتَخۡلَفَ
الَّذِیۡنَ مِنۡ قَبۡلِہِمۡ وَلَیُمَکِّنَنَّ لَہُمۡ دِیۡنَہُمُ الَّذِی ارۡتَضٰی لَہُمۡ وَلَیُبَدِّلَنَّہُمۡ مِّنۡۢ بَعۡدِ خَوۡفِہِمۡ
اَمۡنًا ؕ یَعۡبُدُوۡنَنِیۡ لَا یُشۡرِکُوۡنَ بِیۡ شَیۡئًا ؕ وَمَنۡ کَفَرَ بَعۡدَ ذٰلِکَ فَاُولٰٓئِکَ ہُمُ الۡفٰسِقُوۡنَ ﴿۵۶﴾ وَاَقِیۡمُوا
الصَّلٰوۃَ وَاٰتُوا الزَّکٰوۃَ وَاَطِیۡعُوا الرَّسُوۡلَ لَعَلَّکُمۡ تُرۡحَمُوۡنَ ﴿۵۷﴾ (ଅନ ନୁର୍: 54-57)

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହମଦିୟାରେ ଖିଲାଫତ୍ ବ୍ୟବସ୍ଥା ସ୍ଥାପନ ହେବାକୁ 117 ବର୍ଷ ଅତିକ୍ରାନ୍ତ ହୋଇ ସାରିଛି । ଏହି ବ୍ୟବସ୍ଥା 1908 ମସିହାରେ ସ୍ଥାପିତ ହୋଇଥିଲା ଏବଂ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ତଥା ଅଲ୍ଲାଃତାଲାଙ୍କ ପ୍ରତିଶୃତି ଓ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ ଦ୍ୱାରା ଏହା ସ୍ଥାପିତ ହୋଇଥିଲା । ଅତଏବ୍ ଜମାଅତ୍ ଅହମଦିୟା ଉପରେ ଅଲ୍ଲାଃତାଲାଙ୍କର ଏହି ମହୋପକାର ରହିଛି ଯେ, ଆମେମାନେ ଏପରି ଏକ ବ୍ୟବସ୍ଥାର ଅଂଶ ଅଟୁ ଯେଉଁ ବ୍ୟବସ୍ଥା ସଂକ୍ରାନ୍ତରେ ଅଲ୍ଲାଃତାଲା ଭବିଷ୍ୟବାଣୀ କରିଥିଲେ । ଅଲ୍ଲାଃତାଲା ଏହି ବ୍ୟବସ୍ଥା ସଂକ୍ରାନ୍ତରେ ଭବିଷ୍ୟବାଣୀ କରି କହିଥିଲେ, ଯେ, ମସିହ୍ ଓ ମେହ୍‌ଦୀଙ୍କ ଆଗମନ ପରେ ଏପରି ଏକ ଯୁଗ ଆରମ୍ଭ ହେବ ଯେଉଁ ଯୁଗଟି ଇସଲାମ୍ ଧର୍ମର

ନୂତନ ଅଭ୍ୟୁଦୟର ଯୁଗ ଅଟେ । ପୁନଶ୍ଚ ଏହି ବ୍ୟବସ୍ଥା ସହିତ ଖିଲାଫତ୍‌ର ଯୁଗ ମଧ୍ୟ ଆରମ୍ଭ ହେବ ଯାହା ସଂପର୍କରେ ଆଁହଜରତ ସ.ଅ ସ୍ପଷ୍ଟ ଭାବରେ ଭବିଷ୍ୟବାଣୀ କରିଥିଲେ। ଆଁହଜରତ ସ.ଅଙ୍କ ଏହି ଭବିଷ୍ୟବାଣୀ ଯାହାକି ହଦିସ୍‌ମାନଙ୍କରେ ବର୍ଣ୍ଣିତ ହୋଇଛି ତାହା ଏହିପିର ଯେ, ଆପଣ ସ.ଅ କହିଥିଲେ, "ଅଲ୍ଲାଃତାଲା ଯେପର୍ଯ୍ୟନ୍ତ ଚାହିଁବେ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ନବୁୱତ୍ (ଅବତାରତ୍ୱ) ଅକ୍ଷୁର୍ଣ୍ଣ ରହିବ । ପୁନଶ୍ଚ ସେ ତାହାକୁ (ଖିଲାଫତ୍‌କୁ) ଉଠାଇ ନେବେ ଏବଂ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍ (ଅବତାରତ୍ୱ ପନ୍ଥାନୁଯାୟୀ ଖିଲାଫତ ବ୍ୟବସ୍ଥା) ସ୍ଥାପିତ ହେବ । ପୁନଶ୍ଚ ଅଲ୍ଲାଃତାଲା ଯେତେବେଳେ ଚାହିଁବେ ଏହି ଅବଦାନକୁ ମଧ୍ୟ ଉଠାଇନେବେ । ପୁନଶ୍ଚ ଉକ୍ତ ଭାଗ୍ୟ ବିଧାନ ଅନୁଯାୟୀ ଅନିଷ୍ଟ ପ୍ରଦାନକାରୀ ସମ୍ରାଟ ବ୍ୟବସ୍ଥା ସ୍ଥାପିତ ହୋଇଯିବ । ଯେତେବେଳେ ଏହି ଯୁଗଟି ସମାପ୍ତ ହୋଇଯିବ ସେତେବେଳେ ଏହାଠୁ ବି ଅଧିକ କ୍ରୁର ସମ୍ରାଟଙ୍କ ଶାସନ ବ୍ୟବସ୍ଥା ସ୍ଥାପିତ ଓ ପ୍ରତିଷ୍ଠିତ ହେବ । ପୁନଶ୍ଚ ଅଲ୍ଲାଃତାଲା ତାହାକୁ ମଧ୍ୟ ଉଠାଇ ନେବେ । ଏତଦ୍‌ପରେ ପୁନଶ୍ଚ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍ (ଅବତାରତ୍ୱ ପନ୍ଥାନୁଯାୟୀ ଖିଲାଫତ ବ୍ୟବସ୍ଥା) ସ୍ଥାପିତ ହେବ । ଏହା କହି ଆଁହଜରତ ସ.ଅ ନିରବ ହୋଇଗଲେ । **(ମୁସ୍‌ନଦ୍ ଅହ୍‌ମଦ୍ ହମ୍ବଲ୍, ଭାଗ-6, ପୃ-285, ହଦିସ୍ ନଂ-18596, ପ୍ରକାଶନ ସ୍ଥାନ-ଆଲିମୁଲ୍ କୁତୁବ୍, ବୈରୁତ୍)**

ସୁତରାଂ ଉପରୋକ୍ତ ଭବିଷ୍ୟବାଣୀ ହେଉଛି ସେହି ଭବିଷ୍ୟବାଣୀ ଯେଉଁ ଭବିଷ୍ୟବାଣୀ ମୁତାବକ ଅଲ୍ଲାଃତାଲାଙ୍କ କୃପାରୁ ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣ ହେବା ପରେ ଏକ ନୂତନ ଯୁଗ ଏବଂ ଇସ୍‌ଲାମ୍ ଧର୍ମର ଦ୍ୱିତୀୟ ନୂତନ ଅଭ୍ୟୁଦୟ ଆରମ୍ଭ ଗେଲା । ଅତଏବ୍ ଆପଣ ଅ.ସଙ୍କ ବିୟୋଗ ପରେ ଖିଲାଫତ୍‌ର ଏକ ନୂତନ ଯୁଗ ମଧ୍ୟ ଆରମ୍ଭ ହେଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଯେଉଁ ଆୟତ୍‌ଟି ତିଲାୱତ୍ କରିଅଛି ସେହି ଆୟତ୍‌ର ଅନୁବାଦ ଏହିପରି: **ଅନୁବାଦ୍:** ଏବଂ ସେମାନେ ଅଲ୍ଲାଃତାଲାଙ୍କ ନାମରେ ଦୃଢ ଶପଥ କରନ୍ତି ଯେ, ଯଦି ତୁମ୍ଭେ ସେମାନଙ୍କୁ ଆଦେଶ ଦେବ ତେବେ ସେମାନେ ନିଶ୍ଚୟ ନିଜ ଗୃହରୁ ତତକ୍ଷଣାତ୍ ବାହାରି ଆସିବେ । କୁହ ଶପଥ କର ନାହିଁ ଯେଉଁ ଆନୁଗତ୍ୟ ସାର୍ବଜନିକ ଆନୁଗତ୍ୟ ଭାବେ ପରିଚିତ ତାହାକୁ ଅବଲମ୍ବନ କରିବାକୁ ହିଁ ଆମ୍ଭେ ତୁମମାନଙ୍କୁ ଆଦେଶ କରିଅଛୁ ତୁମେମାନେ ଯାହା କୁରଅଛ ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି ।

ତୁମ୍ଭେ କୁହ, ଅଲ୍ଲାଃଙ୍କର ଆଜ୍ଞା ପାଳ କର ଓ ତାହାଙ୍କ ରସୁଲଙ୍କର ଆଜ୍ଞା ପାଳନକର। ଯଦି ସେମାନେ ବିମୁଖ ହୋଇ ଫେରିଯାଆନ୍ତି ତେବେ ତାହାଙ୍କ ଅର୍ଥାତ୍ ରସୁଲଙ୍କ ଉପରେ କେବଳ ସେହି ଦାୟିତ୍ୱ ଅଛି ଯାହା ତାହାଙ୍କ ଉପରେ ନ୍ୟସ୍ତ କରାଯାଇଛି ଏବଂ ତୁମେମାନଙ୍କ ଉପରେ ସେହି ଦାୟିତ୍ୱ ନ୍ୟସ୍ତ କରାଯାଇଛି ଯାହକି ତୁମମାନଙ୍କ ଉପରେ ନ୍ୟସ୍ତ କରାଯାଇଛି ଏବଂ ଯଦି ତୁମେମାନେ ତାହାଙ୍କ ଆଜ୍ଞା ପାଳନ କରିବ ତେବେ ସତ୍‌ପଥ ପ୍ରାପ୍ତ ହେବ ଏବଂ ରସୁଲଙ୍କର ଦାୟିତ୍ୱ ହେଉଛି କେବଳ ବାର୍ତ୍ତାକୁ ଭଲ ଭାବରେ ଲୋକମାନଙ୍କ ପାଖରେ ପହଞ୍ଚାଇ ଦେବା ।

ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃତାଲା ଏହି ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିଦେବେ ଯେପରି ସେ ସେମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ ଓ କୌଣସି ବସ୍ତୁକୁ ଆମ୍ଭ ସହିତ ସମକକ୍ଷ କରିବେ ନାହିଁ, ଏବଂ ଯେଉଁମାନେ ଏହାପରେ ବି ଅମାନ୍ୟ କରିବେ ତେବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ ।

ତୁମେମାନେ ସୁଚାରୁ ରୂପେ ନମାଜ ପାଠ କର ଓ ଜକାତ୍ ପ୍ରଦାନ କର ଓ ଏହି ରସୁଲଙ୍କର ଆଜ୍ଞାପାଳନ କର । ଯେପରିକି ତୁମମାନଙ୍କ ପ୍ରତି କରୁଣା କରାଯିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ଆୟତ୍‌ମାନଙ୍କରୁ ଏହା ସ୍ପଷ୍ଟ ହୋଇଯାଏ ଯେ, ଅଲ୍ଲାଃତାଲା ମୁସଲମାନମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ଯେ, ସେ ମୁସଲମାନମାନଙ୍କ ମଧ୍ୟରେ ଖିଲାଫତ୍ ବ୍ୟବସ୍ଥାକୁ ସ୍ଥାପିତ କରିଦେବେ । ଖୋଲଫାଏ ରାଶିଦିନ୍ (ଇସ୍‌ଲାମ୍ ଧର୍ମର ପ୍ରଥମ 4ଜଣ ଖଲିଫା, ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ଉସ୍‌ମାନ୍ ର.ଅ ଓ ହ. ଅଲୀ ର.ଅ)ଙ୍କ କାଳ 30 ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଲା । ବର୍ତ୍ତମାନ 30 ବର୍ଷ ପାଇଁ ତ' ଅଲ୍ଲାଃତାଲା ଏହି ଅଙ୍ଗୀକାର କରି ନଥିଲେ । ବରଂ ଏହା ଏକ ସଂପୂର୍ଣ୍ଣ ଅଙ୍ଗୀକାର ଥିଲା । ଏହାର ବ୍ୟାଖ୍ୟା କରି ଆଁହଜରତ ସ.ଅ ମଧ୍ୟ କହିଦେଇଛନ୍ତି ଯେପରିକି ମୁଁ ଉପରୋକ୍ତରେ ହଦିସ୍ ପାଠ କରିଅଛି ଯେ, ପ୍ରଥମେ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍, ଦ୍ୱିତୀୟରେ ସମ୍ରାଟ ବ୍ୟବସ୍ଥା, ପୁନଶ୍ଚ କ୍ରୁର ସମ୍ରାଟ୍ ବ୍ୟବସ୍ଥା, ପୁନଶ୍ଚ ଖିଲାଫତ୍ ଅଲା ମିନ୍‌ହାଜେ ନୁବୁୱତ୍ ବ୍ୟବସ୍ଥା ସ୍ଥାପିତ ହେବ । ଏହି ବ୍ୟବସ୍ଥା ମସିହ୍ ମଉଦ୍ ଅ.ସଙ୍କ କାଳରେ ହିଁ ସ୍ଥାପିତ ହେବ । ଅତଏବ୍ ଉକ୍ତ କଥାକୁ ଆମ ଅହମଦିମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରି ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବାର ଏକ ଅଙ୍ଗୀକାର କରିଛୁ । ସେହି ଅଙ୍ଗୀକାରର ଏକ ସର୍ତ୍ତ ଏହିକି ଯେ, ଆମେମାନେ ସର୍ବାଦ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ (ଯୋଡ଼ି) ହୋଇ ରହିବୁ। ଏହି ଆଡ଼କୁ ଅଲ୍ଲାଃତାଲା ଆମମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି । କେବଳ ସେତିକି ନୁହେଁ ବରଂ ଆମମାନଙ୍କୁ ଅନୁପ୍ରାଣିତ ମଧ୍ୟ କରିଛନ୍ତି । ସୁତରାଂ ଏଥି ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ଉପରୋକ୍ତ ବାଣୀକୁ ମୁଁ ବର୍ତ୍ତମାନ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛି । ଅତଏବ୍ ଯେପର୍ଯ୍ୟନ୍ତ ଆମେମାନେ ଖିଲାଫତ୍ ସହିତ ସଂଶ୍ଲୀଷ୍ଟ ରହିବୁ ସେପର୍ଯ୍ୟନ୍ତ ଆମେମାନେ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ହେଉଥିବୁ । କିନ୍ତୁ ଏଥି ନିମନ୍ତେ ମଧ୍ୟ ସର୍ତ୍ତ ରହିଛି ଅର୍ଥାତ୍ ବିଶ୍ୱାସ ଓ ସତ୍‌କର୍ମ । ଯେପରିକି ଅଲ୍ଲାଃତାଲା ଉକ୍ତ ଆୟତ୍‌ରେ ମଧ୍ୟ କହିଛନ୍ତି । ତେଣୁ ଏହିସବୁ ସର୍ତ୍ତକୁ ପୂର୍ଣ୍ଣ କରିବା ମଧ୍ୟ ଆମମାନଙ୍କ ନିମନ୍ତେ ଆବଶ୍ୟକ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ସବୁ ସ୍ପଷ୍ଟୀକାରଣ ପ୍ରଦାନ କରିବା ପୂର୍ବରୁ ଖିଲାଫତ୍ ବ୍ୟବସ୍ଥା ଜାରି ରହିବା ସଂକ୍ରାନ୍ତରେ ହ. ମସିହ୍ ମଉଦ୍‌ଙ୍କ ଯେଉଁ ଆଦେଶାବଳୀ ରହିଛି ତାହାକୁ ମଧ୍ୟ ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେଉଛି । ଆପଣ ଅ.ସ ରିସାଲା "**ଅଲ୍ ୱସିୟତ**"ରେ କହିଛନ୍ତି ଯେ, "ଅଲ୍ଲାଃତାଲା ଦୁଇ ପ୍ରକାରର ଐଶୀ ଶକ୍ତି ପ୍ରକାଶ କିରଥାଆନ୍ତି ଯଥା (1) ସେ ଅବତାରମାନଙ୍କ ହସ୍ତ ମାଧ୍ୟମରେ ନିଜର ଐଶୀଶକ୍ତି ବା ଐଶୀଲୀଳା ପ୍ରକାଶ କରନ୍ତି । (2) ଯେତେବେଳେ ଅବତାରଙ୍କ ବିୟୋଗ ହୋଇଯାଏ ସେତେବେଳେ ଅଲ୍ଲାଃତାଲା ସେହି ଅବତାରଙ୍କ ବିୟୋଗ ପରେ ଯେଉଁ ସମସ୍ୟା ତଥା କ୍ଲୀଷ୍ଟତା ସୃଷ୍ଟି ହୁଏ ସେତେବେଳେ ଅଲ୍ଲାଃତାଲା ନିଜର ଐଶୀଲୀଳା ପ୍ରକାଶ କରି ଥାଆନ୍ତି । ସେହିପରି ଯେତେବେଳେ ଶତ୍ରୁ ଶକ୍ତିଶାଳୀ ହୋଇ ଉଠନ୍ତି ଏବଂ ଏହା ମନେକରନ୍ତି ଯେ, ବର୍ତ୍ତମାନ ଏହି ଅବତାରଙ୍କ ସଂପ୍ରଦାୟ ସଂପୂର୍ଣ୍ଣ ରୂପେ ଭୂଷୁଡ଼ି ଯିବ ଏବଂ ସେମାନେ ଏହି ବିଶ୍ୱାସ କରି ନିଅନ୍ତି ଯେ, ବର୍ତ୍ତମାନ ଅବତାରଙ୍କ ଏହି ସଂପ୍ରାଦୟ ଧ୍ୱଂସ ପ୍ରାପ୍ତ ହୋଇଯିବ ଏବଂ ସ୍ୱୟଂ ଜମାଅତ୍‌ର ଲୋକମାନେ ମଧ୍ୟ ସଂଶୟାଗ୍ରସ୍ତ ହୋଇଯାଆନ୍ତି । ବିଶ୍ୱାସକାରୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଥାଏ, ଅନେକ ହତଭାଗ୍ୟ ବ୍ୟକ୍ତିମାନେ ବିଧର୍ମୀତାର ମାର୍ଗ ଆପଣାଇ ନିଅନ୍ତି ସେତେବେଳେ ଅଲ୍ଲାଃତାଲା ନିଜର ଦ୍ୱିତୀୟ ଶକ୍ତି ଓ ଦ୍ୱିତୀୟ ଲୀଳା ପ୍ରଦର୍ଶନ କରିଥାଆନ୍ତି । ଅଲ୍ଲାଃତାଲା ନିଜର ବଳିଷ୍ଠ ଐଶୀଳୀ ଲୀଳା ପର୍ଦର୍ଶନ କରିଥାଆନ୍ତି ଓ ପତନୋନ୍ମୁଖୀ ଜମାଅତ୍ (ସଂପ୍ରଦାୟ)କୁ ସମ୍ଭାଳି ନିଅନ୍ତି । ଅତଏବ୍ ଯେଉଁ ବ୍ୟକ୍ତି ଶେଷ ସମୟ ପର୍ଯ୍ୟନ୍ତ ଧୈର୍ଯ୍ୟ ପ୍ରଦର୍ଶନ କରିଥାଏ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ନିଜର ଅପୂର୍ବ ଚମତ୍କାର ଦେଖାଇ ଥାଆନ୍ତି । ଯେପରିକି ହ. ଅବୁ ବକ୍କର ର.ଅଙ୍କ ସମୟରେ ହୋଇଥିଲା । ଯେତେବେଳେ ଆଁହଜରତ ସ.ଅଙ୍କ ବିୟୋଗକୁ ଏକ ଅସମୟ ତଥା ଅକାଳ ମୃତ୍ୟୁ ବୋଲି ମନେକରାଗଲା ସେତେବେଳେ ଅନେକ ପୁର ପଲ୍ଲୀ, ନିପଟ ମଫସଲ ତଥା ଆଦିବାସୀ ଲୋକମାନେ ବିଧର୍ମୀ ଓ ଇସ୍‌ଲାମ୍ ଧର୍ମ ପରିତ୍ୟାଗ କରିଦେଲେ । ଅର୍ଥାତ୍ ଯେଉଁମାନେ ନିରକ୍ଷର, ଅଶିକ୍ଷିତ ଥିଲେ, ଗ୍ରାମରେ ରହୁଥିବା ଲୋକମାନେ ବିଧର୍ମୀ ହୋଇଗଲେ । ସେମାନେ ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କରିଦେଲେ । ସାହାବାମାନେ ମଧ୍ୟ ଦୁଃଖ ଜର୍ଜରିତ ଓ ମର୍ମାହତ ହୋଇ ପାଗଳ ପ୍ରାୟ ହୋଇଗଲେ । ଅତଏବ୍ ଏଭଳି ସନ୍ଧିକ୍ଷଣ ମୁହୂର୍ତ୍ତରେ ଅଲ୍ଲାଃତାଲା ହ. ଅବୁ ବକ୍କର ସିଦ୍ଦିକ୍ ର.ଅଙ୍କୁ ଛିଡ଼ା କରି ପୁନଃ ନିଜର ଐଶୀ ଶକ୍ତି ଓ ଐଶୀ ଲୀଳା ପ୍ରଦର୍ଶନ କଲେ । ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମକୁ ଧ୍ୱଂସ ପ୍ରାପ୍ତ ହେବାରୁ ରକ୍ଷା କରିନେଲେ । ଏତଦ୍‌ପରେ ଅଲ୍ଲାଃତାଲା ଏହି ଅଙ୍ଗୀକାରକୁ ପୂର୍ଣ୍ଣ କଲେ, ଯେପରିକି ସେ କହିଥିଲେ ଯେ, وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْ بَعْدِ خَوْفِهِمْ أَمْنًا । ଅର୍ଥାତ୍ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ଠିକ୍ ସେହିପରି ହ. ମୁସା ଅ.ସଙ୍କ ସମୟରେ ମଧ୍ୟ ହେଲା । ଅପରପକ୍ଷେ ମୁସା ଅ.ସଙ୍କ ଜାତିକୁ ଏହି ଅଙ୍ଗୀକାର ପ୍ରଦାନ କରାଯାଇଥିଲା ଯେ, ସେ ବନି ଇସ୍ରାଇଲ୍‌କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଦେବେ । କିନ୍ତୁ ଉକ୍ତ ଅଙ୍ଗୀକାର ଅନୁଯାୟୀ ମୁସା ଅ.ସ ବନି ଇସ୍ରାଇଲ୍ ଜାତିକୁ କିନଆନ୍ ମାର୍ଗ ଦେଇ ନେଇ ଯାଉଥିବା ସମୟରେ ହଠାତ୍ ମୁସା ଅ.ସଙ୍କର ବିୟୋଗ ହେଲା ଏବଂ ବନି ଇସ୍ରାଇଲ୍ ଜାତି ମଧ୍ୟରେ ମୁସା ଅ.ସଙ୍କ ବିୟୋଗ ହେତୁ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

**(ଅଜ୍ ଜୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 17-24 July 2025 Issue No. 29-30

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଦୁଃଖରେ ଭାଙ୍ଗି ପଡ଼ିଲେ ଏବଂ ଶୋକ ସନ୍ତପ୍ତ ହୋଇଗଲେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ହେ ମୋର ଜମାଅତ୍ର ପ୍ରିୟ ସଦସ୍ୟବୃନ୍ଦ ! ଆବହମାନ କାଳରୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହି ଆସିଛି ସେ ଦୁଇଟି ଐଶୀ ଶକ୍ତି ବା ଲୀଳା ପ୍ରଦର୍ଶନ କରିଥାଆନ୍ତି । କାରଣ ବିରୋଧୀମାନଙ୍କର ଦୁଇଟି ମିଛ ଖୁସିକୁ ସେହି ଧୂଳିସାତ କରି ଦେଖାଇ ଦେବେ । ଅତଏବ୍ ବର୍ତ୍ତମାନ ଏହା ଆଉ ସମ୍ଭବ ନୁହେଁ ଯେ, ଈଶ୍ୱ ନିଜର ସେହି ପ୍ରାଚୀନ ପରମ୍ପରାକୁ ପରିତ୍ୟାଗ କରିଦେବେ। ତେଣୁ ମୁଁ ତୁମମାନଙ୍କ ସମ୍ମୁଖରେ ଯେଉଁ କଥା ବର୍ଣ୍ଣନା କିରଛି ତୁମେମାନେ ମୋର ଉକ୍ତ କଥା ଯୋଗୁଁ ଦୁଃଖିତ ହୁଅ ନାହିଁ । ତୁମମାନଙ୍କର ହୃଦୟ ବ୍ୟଥିତ ଓ ବିବ୍ରତ ନହୋଇଯାଉ । କାରଣ ତୁମମାନଙ୍କ ନିମନ୍ତେ ଦ୍ୱିତୀୟ ଐଶୀ ଶକ୍ତି ବା ଐଶୀଲୀଳା ଦେଖିବା ମଧ୍ୟ ଜରୁରୀ ଅଟେ । ସେହି ଐଶୀଶକ୍ତୀ ବା ଐଶୀଲୀଳା (ଖିଲାଫତ୍)ର ଆସିବା ମଧ୍ୟ ତୁମମାନଙ୍କ ପକ୍ଷେ ଉତ୍ତମ ଅଟେ । କାରଣ ତାହା ସାର୍ବକାଳୀନ ଅଟେ ।"

ଏଠାରେ ମଧ୍ୟ ହ. ମସିହ୍ ମଉଦ୍ ଅ.ସ ସେହି ହଦିସ୍ ଅନୁଯାୟୀ ଏକ ସାର୍ବକାଳୀନ ଐଶୀଲୀଳା ଚିହ୍ନିତ କରି ଦେଇଛନ୍ତି । ଏହି ପରମ୍ପରା ବା ଏହି ସଂପ୍ରଦାୟ ପ୍ରଳୟ ଦିବସ ପର୍ଯ୍ୟନ୍ତ ବ୍ୟାଘାତ ଓ କ୍ଷୁର୍ଣ୍ଣ ହେବ ନାହିଁ । ଆପଣ ଅ.ସ କହିଲେ, "ଯେପର୍ଯ୍ୟନ୍ତ ମୁଁ ଯାଇ ନାହିଁ ସେପର୍ଯ୍ୟନ୍ତ ସେହି ଐଶୀଲୀଳୀ କଦାପି ଆସି ପାରିବ ନାହିଁ । କିନ୍ତୁ ମୁଁ ଯେତେବେଳେ ଏହି ମର୍ତ୍ତ୍ୟ ଧାମରୁ ବିଦାୟ ନେବି ସେତେବେଳେ ଈଶ୍ୱର ସେହି ଦ୍ୱିତୀୟ ଐଶୀଲୀଳାକୁ ତୁମମାନଙ୍କ ନିମନ୍ତେ ପ୍ରେରଣ କରିଦେବେ । ତାହା ଚିରକାଳ ତୁମମାନଙ୍କ ସହିତ ରହିବ । ଯେପରିକି ଅଲ୍ଲାଃତାଲା ବରାହିନେ ଅହମଦିୟାରେ ଅଙ୍ଗୀକାର କରିଛନ୍ତି । ସେହି ଅଙ୍ଗୀକାର ମୋ ଅସ୍ତିତ୍ୱ ସଂପର୍କରେ ନୁହେଁ ବରଂ ତୁମମାନଙ୍କ ନିମନ୍ତେ ରହିଛି । ଯେପରିକି ଅଲ୍ଲାଃତାଲା କହିଛନ୍ତି ଯେ, ମୁଁ ଏହି ସଂପ୍ରାଦୟକୁ, ତୁମ୍ଭର ଅନୁଗାମୀମାନଙ୍କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରିବି । ତେଣୁ ଏହା ଆବଶ୍ୟକ ଯେ, ତୁମମାନଙ୍କ ଉପରେ ମୋର ବିରହ ଦିନ ଆସୁ । ଏତଦ୍‌ପରେ ସେହି ଦିନ ଆସୁ ଯାହା ଚିରକାଳର ଅଙ୍ଗୀକାରର ଦିନ ଅଟେ । ଆମ୍ଭର ଈଶ୍ୱର ଅଙ୍ଗୀକାର କରିଥିବା ହେତୁ ସେ ସତ୍ୟବାଦୀ, ସତ୍ୟ ରକ୍ଷାକାରୀ ଓ ବିଶ୍ୱସ୍ତ ତଥା ସତ୍ୟବାଦୀ ଈଶ୍ୱର ଅଟନ୍ତି । ସେ ତୁମମାନଙ୍କ ସହିତ ଯେଉଁ ଅଙ୍ଗୀକାର କରିଛନ୍ତି ତାହାକୁ ସେ ଅବଶ୍ୟ ପୂର୍ଣ୍ଣ କରିବେ । ଯଦିଓ ସେହି ଦିନଟି ଶେଷ ଦିନ ହୋଇଥାଉ ନା କାହିଁକି ଏବଂ ଅସଂଖ୍ୟ ବିପତ୍ତିର ଦିନ ହୋଇଥାଉ ନା କାହିଁକି, ବିପତ୍ତି ଅବତୀର୍ଣ୍ଣ ହେବାର ସମୟ ହୋଇଥାଉ ନା କାହିଁକି । ଅତଏବ୍ ଈଶ୍ୱର ମୋତେ ଯେଉଁ ସୂଚନା ପ୍ରଦାନ କରିଛନ୍ତି ଏବଂ ମୋ ସହିତ ଯେଉଁ ଅଙ୍ଗୀକାର କରିଛନ୍ତି ସେହି ଅଙ୍ଗୀକାର ଯେପର୍ଯ୍ୟନ୍ତ ପୂର୍ଣ୍ଣ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏହି ପୃଥିବୀ ତିଷ୍ଠି ରହିବ । "

ଆପଣ ଅ.ସ କହିଲେ, "ମୁଁ ଈଶ୍ୱରଙ୍କ ପକ୍ଷରୁ ଏକ ଐଶୀଲୀଳା ସ୍ୱରୂପ ପ୍ରକଟିତ ହୋଇଅଛି ଏବଂ ମୁଁ ଈଶ୍ୱରଙ୍କ ସାକ୍ଷାତ୍ ଏକ ଅପୂର୍ବ ଅଲୌକିକ ଶକ୍ତି ବା ଲୀଳା ଅଟେ। ମୋ ପରେ ଏପରି ଆହୁରି ଅନେକ ଅସ୍ତିତ୍ୱ ହେବେ ଯେଉଁମାନେ ଅନ୍ୟାନ୍ୟ ଅପୂର୍ବ ଅଲୌକିକ ଐଶୀଶକ୍ତି ଏବଂ ଐଶୀ ଲୀଳାର ଅଧିକାରୀ ଓ ପରିପ୍ରକାଶକ ହେବେ। ତେଣୁ ହେ ପ୍ରିୟ ସଦସ୍ୟବୃନ୍ଦ ! ତୁମେମାନେ ଈଶ୍ୱରଙ୍କ ସେହି ଐଶୀ ଶକ୍ତି ଅପେକ୍ଷାରେ ଏକତ୍ରିତ ହୋଇ ଦୁଆ (ପ୍ରାର୍ଥନା) କରୁଥାଅ । ତେଣୁ ତୁମମାନଙ୍କ ପକ୍ଷେ ଏହା ଉଚିତ୍ ହେବ କି ତୁମେମମାନଙ୍କର ପୁଣ୍ୟବାନ୍ ତଥା ସଦାଚାରୀ ସଂପ୍ରଦାୟମାନେ ମିଶି ପ୍ରତ୍ୟେକ ଦେଶରେ ଏକତ୍ରିତ ହୋଇ ଦୁଆରେ ଲାଗିଥାଅ । କାରଣ ସେହି ଦ୍ୱିତୀୟ ଐଶୀଲୀଳୀ ଆକାଶରୁ (ଈଶ୍ୱରଙ୍କ ପକ୍ଷରୁ ଭୂପୃଷ୍ଠରୁ ଲୋକମାନଙ୍କ ମଧ୍ୟରୁ) ଅବତୀର୍ଣ୍ଣ ହୁଅନ୍ତୁ ଏବଂ ଈଶ୍ୱର ତୁମମାନଙ୍କୁ ଏହା ଅବଲୋକନ କରାଇବେ ଯେ, ତୁମମାନଙ୍କର ଈଶ୍ୱର କିପରି ସର୍ବ ଶକ୍ତିମାନ ଅଟନ୍ତି ?"

**(ଅଲ୍‌ଓସିୟତ୍, ରୁହାନୀ ଖଜାଏନ୍, ଭାଗ-20, ପୃ-304-306)**

ବର୍ତ୍ତମାନ ଏଠାରେ ହ. ମସିହ୍ ମଉଦ୍ ଅ.ସ ଏହା ମଧ୍ୟ କହିଛନ୍ତି ଯେ, ଦ୍ୱିତୀୟ ଏଶୀଲୀଳୀର ଅପେକ୍ଷାରେ ତୁମେମାନେ ଏକତ୍ରିତ ହୋଇ ଦୁଆ କରୁଥାଅ ଓ ପ୍ରତ୍ୟେକ ଦେଶରେ ପୁଣ୍ୟବାନ୍ ସଦାଚାରୀମାନଙ୍କର ଜମାଅତ୍ (ସଂପ୍ରଦାୟ ବା ଗୋଷ୍ଠୀ) ଏକତ୍ରିତ ହୋଇ ଦୁଆ କରନ୍ତୁ । ଯେତେବେଳେ ଆପଣ ଅ.ସ ଏହି ଉପଦେଶାବଳୀ ଦେଇଥିଲେ ସେତେବେଳେ ଭାରତରେ ହିଁ ଜମାଅତ୍ ଅହମଦିୟା ଥିଲା ଏବଂ ଆଉ କେତେକ ଲୋକମାନେ ବାହାରେ ହୋଇଥାଇ ପାରନ୍ତି । କିନ୍ତୁ ଏହି ଭବିଷ୍ୟବାଣୀ ମଧ୍ୟ ଆପଣ ଅ.ସ ଗୋଟିଏ ପ୍ରକାର କରିଦେଇଥିଲେ ଯେ, ପ୍ରତ୍ୟେକ ଦେଶରେ ଅହମଦିମାନେ ଦୁଆ କରନ୍ତୁ ଯେ, ଭବିଷ୍ୟତରେ ଏପରି ଏକ ଯୁଗ ଆସିବ ଯେତେବେଳେ ସଂସାରରେ ପ୍ରତ୍ୟେକ ସ୍ଥାନରେ ଜମାଅତ୍ ଅହମଦିୟା ପରିବ୍ୟାପ୍ତ ହୋଇଯିବ । ଆଜି ଆମେମାନେ ସେହି ଯୁଗକୁ ଦେଖୁଅଛେ ଯେ, କିପରି ସମଗ୍ର ପୃଥିବୀରେ ଜମାଅତ୍ ଅହମଦିୟା ବ୍ୟାପୀ ଯାଇଛି ? ପ୍ରତ୍ୟେକ ସ୍ଥାନରେ ଖିଲାଫତ୍ ସହିତ ବିଶ୍ୱସ୍ତତା, ପ୍ରେମ, ଆନ୍ତରୀକତାପୂର୍ଣ୍ଣ ସଂପର୍କ ଆମମାନଙ୍କୁ ଦୃଶ୍ୟମାନ ହେଉଛି। ଅର୍ଥାତ୍ ଯେଉଁମାନେ ଦୂର ଦୂରାନ୍ତରରେ ରହୁଛନ୍ତି ସେମାନଙ୍କର ମଧ୍ୟପରି ଏହିପରି ସଂପର୍କ ଆମେମାନେ ଦେଖିବାକୁ ପାଇଥାଉ । ଏହିପରି ଦୃଶ୍ୟ ଆମେମାନେ ଖିଲାଫତେ ଖାମିସା (ପଞ୍ଚମ ଖଲିଫା ହ. ମିର୍ଜା ମସ୍ରୁର୍ ଅହମଦ୍ ଅ.ବ)ଙ୍କ ଚୟନ ସମୟରେ ମଧ୍ୟ ଦେଖିଥିଲୁ । କିପରି ସଂସାରରେ ପରିବ୍ୟାପ୍ତ ଲୋକମାନେ ଏକତ୍ରିତ ହୋଇ ଖିଲାଫତ୍ ବ୍ୟବସ୍ଥା ସହିତ ସଂଶ୍ଳୀଷ୍ଟ ରହିବା ନିମନ୍ତେ ଅଙ୍ଗୀକାର କରିଥିଲେ ଓ ବୈଅତ୍ କରିଥିଲେ । ବୈଅତ୍ର ଏହି ପରମ୍ପରା **ଇନ୍‌ଶାଅଲ୍ଲାଃ** ଭବିଷ୍ୟତରେ ମଧ୍ୟ ଜାରି ରହିବ ଏବଂ ଲୋକମାନେ ଖଲିଫାଙ୍କ ହସ୍ତରେ ବୈଅତ୍ କରୁଥିଲେ । ଭବିଷ୍ୟତରେ ସର୍ବଦା ଏହି ବ୍ୟବସ୍ଥାନୁଯାୟୀ ଅଲ୍ଲାଃତାଲା ନିଜର କୃପା ମାଧ୍ୟମରେ ଆମମାନଙ୍କୁ ସମ୍ମାନିତ କରି ଚାଲିବେ । କାରଣ ଏହା ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଓ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ ଅଟେ । ହ. ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲାଙ୍କ ଠାରୁ ସୂଚନା ପ୍ରାପ୍ତ କରି ଆମମାନଙ୍କୁ ଏହି ଭବିଷ୍ୟବାଣୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ତେଣୁ ଆମମାନଙ୍କ ପକ୍ଷେ ଏହା ଅନିର୍ବାର୍ଯ୍ୟ କି ଆମେମାନେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହି ଖିଲାଫତ୍ ବ୍ୟବସ୍ଥାକୁ ବଳବତ୍ତର ଓ ଅବ୍ୟାହତ ରଖିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ପ୍ରସ୍ତୁତ ରହିବା ଉଚିତ୍ । ଯଦି ଆମେମାନେ ଏପରି କରୁ ତେବେ ଆମେମାନେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବୁ । ଆମମାନଙ୍କର ଆଗାମୀ ବଂଶଧରମାନେ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ହୋଇ ରହିବେ ଓ ଖିଲାଫତର ଅଜସ୍ର କଲ୍ୟାଣ ତଥା କରୁଣାରୁ ଉପକୃତ ହୋଇ ଚାଲିବେ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, କେତେକ ଲୋକମାନେ ଏହା ମନେକରନ୍ତି ଯେ, ସମ୍ଭବତଃ ଜମାଅତ୍ ଅହମଦିୟାରେ ଖିଲାଫତ୍ ବ୍ୟବସ୍ଥାଟି ଶାସକବାଦରେ ରୂପାନ୍ତରିତ ହୋଇଯିବ । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ଅଙ୍ଗୀକାର ମଧ୍ୟ ଏହିପରି ରହିଛି ଯେପରି ମୁଁ ଉପରୋକ୍ତରେ ଆଁହଜରତ ସ.ଅଙ୍କର ଭବିଷ୍ୟବାଣୀ ଏବଂ ହଦିସ୍ (ମୁଖ ନିଃସୃତବାଣୀ) ପାଠ କରିଛି ତହିଁରେ ଆପଣ ସ.ଅ ଯାହା କହିଛନ୍ତି ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯାହା କହିଛନ୍ତି ତହିଁରୁ ଏହା ପ୍ରତିଭାତ (ପ୍ରକାଶିତ) ହୁଏ ଯେ, ଜମାଅତ୍ ଅହମଦିୟାରେ ଯେଉଁ ଖିଲାଫତ୍ ବ୍ୟବସ୍ଥା ଜାରି ରହିଛି ତାହା **ଇନ୍‌ଶାଅଲ୍ଲାଃ** ଆଧାତ୍ମିକ ଖିଲାଫତ୍ ଆକାରରେ ହିଁ ଜାରି ରହିବ । ଏହି ଖିଲାଫତ୍ ବ୍ୟବସ୍ଥା ପ୍ରଳୟ ଦିବସ ପର୍ଯ୍ୟନ୍ତ ଜାରି ରହିବ । ଖିଲାଫତ୍‌ରେ ଏପରି କୌଣସି ସମୟ ଆସିବ ନାହିଁ ଯେ, ଖିଲାଫତ୍ ସଂପର୍କରେ ଲୋକମାନେ ଏହା କହିବେ କି ଜମାଅତ୍ ଅହମଦିୟାରେ ଶାସକବାଦ ବ୍ୟବସ୍ଥା ପ୍ରବିଷ୍ଟ ହୋଇଯାଇଛି । କେତେକ ଉପଦ୍ରବକାରୀ ଲୋକମାନେ ଏହି କଥା କହିବାକୁ ଲାଗନ୍ତି ଯେ, ଜମାଅତ୍ ଅହମଦିୟାରେ ଶାସକବାଦ ପରମ୍ପରା ସୃଷ୍ଟି ହୋଇଯାଇଛି । ଏହା କେବେ ବି ସମ୍ଭବ ହେବ ନାହିଁ । ଏହା ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଯେ, **ଇନଶାଅଲ୍ଲାଃହୁ ତାଆଲା** ଜମାଅତ୍‌ରେ ସର୍ବଦା ଆଧାତ୍ମିକ ଖିଲାଫତ୍ ବ୍ୟବସ୍ଥା ଅକ୍ଷୁର୍ଣ୍ଣ ଓ ବଳବତ୍ତର ରହିବ ।

**(ଅବଶିଷ୍ଟାଂଶ.... ପରବର୍ତ୍ତୀ ସଂଖ୍ୟାରେ)**

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ....

ଶୁଣୁଥିଲେ ଅବା ମିଶନ୍ ହାଉସରେ ଶୁଣୁଥିଲେ ଏବଂ ଆମ ଘରକୁ ଖୁତ୍‌ବା ଦେଖିବା ନିମନ୍ତେ ଚାଲି ଆସୁଥିଲେ । ଯେତେବେଳେ ବି କୌଣସି ଜମାଅତୀୟ କାମ ନିମନ୍ତେ ଡକା ଯାଉଥିଲା ସେତେବେଳେ ସ୍ୱର୍ଗତ ଶହୀଦ୍ ମହୋଦୟ ତୁରନ୍ତ ଉପସ୍ଥିତ ହୋଇ ଯାଉଥିଲେ । ପ୍ରତ୍ୟେକ କାର୍ଯ୍ୟକୁ ଅତ୍ୟନ୍ତ ଦାୟିତ୍ୱ ସହକାରେ ନିର୍ବାହ କରୁଥିଲେ । ଜମାଅତ୍ର ଅତିଥିମାନଙ୍କର ସେବା ଅତ୍ୟନ୍ତ ଆଗ୍ରହର ସହିତ କରୁଥିଲେ।"

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଶୋକ ସନ୍ତପ୍ତ ସପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ପାକିସ୍ତାନରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଉଥିବା ଲୋକମାନଙ୍କର ଏବଂ ଜମାଅତ୍ ଅହମଦିୟାର ବିରୋଧ ପ୍ରଦର୍ଶନ କରୁଥିବା ଲୋକମାନଙ୍କର ସାହସ ବୃଦ୍ଧି ପାଇବାରେ ଲାଗିଛି । ଅଲ୍ଲାଃତାଲା ଯଥାଶୀଘ୍ର ଏମାନଙ୍କର ଧର ପକଡ଼ କରିବାର ବ୍ୟବସ୍ଥା କରନ୍ତୁ। ଆମିନ୍ ।

☆--☆--☆

## ପାଠକବୃନ୍ଦ ! ଦୟାକରି ଧ୍ୟାନ ଦିଅନ୍ତୁ ....

ବିଗତ ସଂଖ୍ୟା 28 ପୃ-12ରେ ଲିଖନଗତ ତ୍ରୁଟି ହୋଇଯାଇଛି । ତ୍ରୁଟିରେ ଏହା ଉଲ୍ଲେଖ ଥିଲା କି ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ... । କିନ୍ତୁ ଏହା ଲିଖନଗତ ତ୍ରୁଟି ହୋଇଛି ତେଣୁ ସଠିକ୍ ହେଉଛି ପୃ-2ରେ ବର୍ଣ୍ଣିତ ତଫସିର କବି-ର୍‌ର ଅବଶିଷ୍ଟାଂଶ । ଅତଏବ୍ ପାଠକବୃନ୍ଦମାନଙ୍କୁ ବିନୀତର ସବିନିୟ ଅନୁରୋଧ କି ଆପଣମାନେ ମୋର ଲିଖନଗତ ଓ ମୁଦ୍ରଣ ଜନିତ ତ୍ରୁଟିକୁ କ୍ଷମା କରିବେ । **ଯଜାକୁ-ମୁଲ୍ଲାଃହୁ ତାଆଲା ୱ ଅହସନଲ୍ ଯଜା ।**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan